# ଚାଷୀଙ୍କ ଜମିକୁ ପାଣି ମାଡୁ ନ ଥିଲେ ଜଳକର ଦେବେ ନାହିଁ

## ଜିଲା ପରିଷଦ ସ୍ୱତନ୍ତ୍ର ବୈଠକ

ନବରଙ୍ଗପୁର, ୬।୩(ବି.ପ୍ର.)

ସ୍ଥାନୀୟ ରାଜୀବଭବନରେ ଜିଲା ପରିଷଦର ସ୍ୱତନ୍ତ୍ର ତଥା ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଏମପି ରମେଶ ଚନ୍ଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଜିଲାପାଳ ଡ. ଅଜିତ କୁମାର ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ସ୍ୱାଗତ ସୂଚନା ଦେଇଥିଲେ । ବୈଠକରେ ମୁଖ୍ୟତଃ କୃଷି ସମ୍ପର୍କରେ ବେଶୀ ଗୁରୁତ୍ୱାରୋପ କରାଯାଇଥିଲା । ନବରଙ୍ଗପୁର ଜିଲାରେ ଜଳସେଚନ କେତେ ପରିସୀମା ମଧ୍ୟରେ ହୋଇ ଆସୁଛି । ଚାଷୀ ପାଣି ନ ପାଇ ଜଳକର ଦେଉଥିବା ଆଲୋଚନା ହୋଇଥିଲା । ରାଜସ୍ୱ, କୃଷି, ପରିସଂଖ୍ୟାନ ଓ ଜଳସେଚନ ବିଭାଗର ମିଳିତ କମିଟି ଏହାର ଯାଞ୍ଚ କରି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଥିଲା । ଯେଉଁ ଚାଷୀଙ୍କ ଜମିକୁ ପାଣି ମାଡୁ ନ ଥିବ ସେ ଜଳକର ଦେବେ ନାହିଁ । ଜଳସେଚିତ ଜମି ନାଁରେ କର ଆଦାୟ ହୋଇ ନ ଥିବାରୁ ରାଜସ୍ୱ ବିଭାଗ ପକ୍ଷରୁ ରସିଦ କଟା ଯାଇ ନ ଥିବାରୁ ଚାଷୀଙ୍କୁ ମଣ୍ଡିରେ ଧାନ ବିକ୍ରି କରିବା ନେଇ ସମସ୍ୟା ଦେଖା ଦେଉଛି । ଏନେଇ ବିଭାଗ ଅପ୍ରେଲ ୩୦ ମଧ୍ୟରେ ରିପୋର୍ଟ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଉଠା ଜଳସେଚନ ବିଭାଗ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଷୀଙ୍କ ଗଭୀର ନଳକୂପଗୁଡିକ ଖନନ କରିବାକୁ କୁହାଯାଇଛି । କୃଷି ପରେ ସ୍ୱାସ୍ଥ୍ୟ ବିଭାଗର ଆଲୋଚନା ହୋଇଥିଲା । ଜିଲା ସଦର ମହକୁମା ଡାକ୍ତରଖାନା ୫-ଟି ପରେ ଉନ୍ନତି ହୋଇଥିଲେ ସୁଦ୍ଧା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଗୁରୁତ୍ୱ ମିଳୁ ନ ଥିବା ଅଭିଯୋଗ ହୋଇଥିଲା । କୋଡିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ମୁଖ୍ୟ ଫାଟକ ମରାମତି ହୋଇ ପାରୁ ନ ଥିବା ସଦସ୍ୟମାନେ କହିଥିଲେ । ତେବେ ସୁଧ ଟଙ୍କାରେ ତହାର ମରାମତି କରାଯିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ କ୍ୱାଟର୍ସ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରାଯିବା ନେଇ ଆଲୋଚନା ହୋଇଥିଲା । ଏନେଇ ୧୧ କୋଟି ୮୨ ଲକ୍ଷ ଟଙ୍କା ବ୍ୟୟ କରାଯିବ । ରାସ୍ତା ଓ ଗୃହ ନିର୍ମାଣ ବିଭାଗ କରିବ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁଦାନ ଆସିଲେ ଟେଣ୍ଡର ହୋଇ ଦେଢ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ ବୋଲି କୁହାଯାଇଥିଲା । ଡାକ୍ତରଖାନାରେ ପ୍ରସୂତିଙ୍କୁ ଯେଉଁ ଅନୁଦାନ ମିଳିବା କଥା ତାହା ଅନେକ ମହିଳା ପାଉ ନ ଥିବା ସଭ୍ୟାସଭ୍ୟମାନେ ଅଭିଯୋଗ କରିଥିଲେ । ତେବେ ଅନଲାଇନରେ ପ୍ରଦାନ କରାଯାଉଛି । ଯେଉଁ ହିତାଧିକାରୀଙ୍କ କେୱାଇସି ସଂଯୋଗ ହୋଇ ନଥିବ ସେମାନଙ୍କ ଟଙ୍କା ଫେରନ୍ତ ଆସୁଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଥିଲା । ଏନେଇ କେତେ ହିତାଧିକାରୀଙ୍କ ଟଙ୍କା ଫେରି ଆସିଛି ତାହାର ଏକ ରିପୋର୍ଟ ୭ ଦିନ ମଧ୍ୟରେ ପ୍ରଦାନ କରିବାକୁ ବିଭାଗକୁ କୁହାଯାଇଥିଲା । ବିଡିଓ, ବ୍ଲକ ଅଧ୍ୟକ୍ଷ ଓ ସଭ୍ୟା ସଭ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେଠାକାର ବିକାଶ ଓ ସମସ୍ୟା ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରିପାରିବେ ବୋଲି ଜିଲାପାଳ କହିଥିଲେ । ପରେ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ , ଶିକ୍ଷା, ଯୋଗାଣ, ଅବକାରୀ, ଯୋଜନା ଓ ସମନ୍ୱୟ ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଜିଲା ସାମାଜିକ ସୁରକ୍ଷା, ଜଳ ବିଭାଜିକା ବିଭାଗର କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ବୈଠକରେ ସମସ୍ତ ବିଭାଗର ଅଧିକାରୀ, ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଏମପି, ଡାବୁଗାଁ ବିଧାୟକ ଓ ଅନ୍ୟମାନେ ।




# ରୋକାଗଲା ନାବାଳିକା ବିବାହ

ନନ୍ଦାହାଣ୍ଡି,୬।୩(ଡି.ଏନ.ଏ.)

ନବରଙ୍ଗପୁର ଜିଲାରେ ୧୫ ଦିନ ମଧ୍ୟରେ ପ୍ରଶଶସନ ପକ୍ଷରୁ ୬ ନାବାଳିକାଙ୍କ ବିବାହ ରୋକାଯାଇଛି । ଶୁକ୍ରବାର ନନ୍ଦାହାଣ୍ଡି ବ୍ଲକ୍ ସିନ୍ଧୁଗୁଡ଼ା ଗାଁର ଜଣେ ଯୁବକଙ୍କ ସହ ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ବିବାହ ଚାଲିଥିବାବେଳେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସୁପରଭାଇଜର ମଞ୍ଜୁବାଳା ଦାଶ, ଚାଇଲ୍ଡଲାଇନ୍‌ର ରବିନ୍ଦ୍ର ପଧାନ, ବବିଲାଲି ସ୍ୱାଇଁ, ଏଲିଜାବେଥ୍ ସେନାପତି, ସରପଞ୍ଚ ଧନ ପୂଜାରୀ, ଅଙ୍ଗନୱାଡି କର୍ମୀ ବବିତା ପାତ୍ର ଓ ଆଇନଜୀବୀ ସିମାଞ୍ଚଳ ପାତ୍ର ଯାଇ ବିବାହ ରୋକିବା ସହ ଉଭୟ ପକ୍ଷଙ୍କୁ ବୁଝାଇଥିଲେ । ନାବାଳିକାକୁ ୧୮ବର୍ଷ ନ ହେଲେ ବିବାହ କରିବେ ନାହିଁ ବୋଲି ପରିବାର ଲୋକଙ୍କଠାରୁ ଲିଖିତ ପ୍ରତିଶ୍ରୁତି ଗ୍ରହଣ କରାଯାଇଥିଲା । ନାବାଳିକା ଜଣକ କୋରାପୁଟ ଜିଲା ଡାମଣାହାଣ୍ଡି ପଞ୍ଚାତର ବୋଲି ଜଣାପଡ଼ିଥିବାବେଳେ ତାଙ୍କ ବାପାଙ୍କ ମୃତ୍ୟୁ ପରେ ମା' ସିନ୍ଧିଗୁଡାସ୍ଥିତ ସମ୍ପର୍କୀୟଙ୍କ ଘରେ ଛାଡ଼ିଥିଲେ । ସିନ୍ଧିଗୁଡ଼ାର ଜଣେ ଯୁବକଙ୍କ ସହ ବିବାହ ଚାଲିଥିବା ସମୟରେ ପ୍ରଶାସନ ଏହାକୁ ରୋକିବାରେ ସଫଳ ହୋଇଛି ।

# ଡିଏନ୍ଏ ପରୀକ୍ଷା, ସିସିଟିଭି ଯାଞ୍ଚ କରିବାକୁ ଦାବି

ନବରଙ୍ଗପୁର,୬।୩(ବି.ପ୍ର.)



ଥାନାକୁ ଅଭିଯୋଗ କରିବାକୁ ଆସିଥିବା ସସ୍ମିତାଙ୍କ ସ୍ୱାମୀ ।

- ମୃତ ଶିଶୁ ଅଦଳବଦଳ ସନ୍ଦେହ ଘଟଣା
- ଥାନା, ସିଡିଏମ୍ଓଙ୍କ ନିକଟରେ ଅଭିଯୋଗ

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ତାଲିଆମ୍ଭା(ଖ) ଗାଁର ସିମାଞ୍ଚଳ ସାହୁଙ୍କ ସ୍ତ୍ରୀ ସସ୍ମିତା ସାହୁଙ୍କ ଫେବୃୟାରୀ ୨୭ରେ ଅସ୍ତ୍ରୋପଚାରଦ୍ୱାରା ଏକ ଶିଶୁପୁତ୍ର ଜନ୍ମ ନେଇଥିଲା । ହେଲେ ଗର୍ଭରେ ଶିଶୁର ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ । ତେବେ ମୃତ ଶିଶୁପୁତ୍ର ସସ୍ମିତାଙ୍କ ନୁହେଁ ବୋଲି ସସ୍ମିତା କହିଛନ୍ତି । ଏଥିପାଇଁ ଡିଏନ୍ଏ ପରୀକ୍ଷା ସହ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପାଇଁ ପରିବାର ପକ୍ଷରୁ ଦାବି କରାଯାଇଛି । ସେହିପରି ସସ୍ମିତା ଓ ତାଙ୍କ ସ୍ୱାମୀଙ୍କୁ ନ ଜଣାଇ ଡାକ୍ତର ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର ମଧ୍ୟ କରିଥିବା ନେଇ ଡାକ୍ତର ଓ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି । ତେଣୁ ଘଟଣାର ତଦନ୍ତ ପରେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ସସ୍ମିତାଙ୍କ ସ୍ୱାମୀ କହିଛନ୍ତି । ଏ ନେଇ ଶୁକ୍ରବାର ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି । ସେହିପରି ତଦନ୍ତ ପାଇଁ ସିଡିପିଓଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଛନ୍ତି ।

ସସ୍ମିତା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଫେବୃୟାରୀ ୨୪ରେ ଉମରକୋଟରେ ଡାକ୍ତର ସୁମନ୍ତ କୁମାର ରାଉଳଙ୍କ ନିକଟରେ ପରୀକ୍ଷା କରାଇଥିଲେ । ଗର୍ଭସ୍ଥ ଶିଶୁ ଠିକ୍ ଥିବା କହି ସେ ଔଷଧ ଲେଖିଥିଲେ । ଅଲଟ୍ରାସାଉଣ୍ଡ କରିବା ପାଇଁ ପରାମର୍ଶ ଦେଇଥିଲେ । ତେବେ ସେ ପରୀକ୍ଷା କରାଉଥିବା ଘରୋଇ ନିଦାନ କେନ୍ଦ୍ରରେ ଡାକ୍ତର ନ ଥିବା ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ କହିଥିଲେ । ଫଳରେ ସେ ଫେରିଆସିଥିଲେ । ୨୭ ତାରିଖ ସନ୍ଧ୍ୟାରେ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଡାକ୍ତରଙ୍କ ପରାମର୍ଶରେ ଅସ୍ତ୍ରୋପଚାର କକ୍ଷକୁ ନେଇଥିଲେ । ସେଠାରେ ସ୍ୱାମୀଙ୍କ ଅଜାଣତରେ ସ୍ତ୍ରୀଙ୍କ ଦସ୍ତଖତ କରାଇ ଅସ୍ତ୍ରୋପଚାର କରିଥିଲେ । ପରେ ଡାକ୍ତର ଶିଶୁଟିର ମୃତ୍ୟୁ ହୋଇଥିବା କହିବା ସହ ମୃତ ଶିଶୁକୁ ନେଇଯିବା ପାଇଁ କହିଥିଲେ । ତେବେ ପରେ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା । ତେବେ ସସ୍ମିତା ଚିକିତ୍ସାଧୀନ ଥିବାରୁ ପ୍ରତିବାଦ କରିବାକୁ ଭୟ କରିଥିଲେ । ଶିଶୁପୁତ୍ରକୁ ବଦଳାଇ ଦିଆଯାଇଥିବା ସେମାନେ ସନ୍ଦେହ କରୁଥିବାବେଳେ ଏନେଇ ଥାନା ଓ ସିଡିପିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସିଡିଏମଓ ସନ୍ତୋଷ କୁମାର ସ୍ୱାଇଁ ଘଟଣାର ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସିଡିପିଓଙ୍କ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି ।

# ଅଭିଯୁକ୍ତ ଏମ୍. ସନ୍ତୋଷ ଅଟକ

## ୪୨ଲକ୍ଷ ଟଙ୍କା ଠକେଇ ମାମଲା

ନବରଙ୍ଗପୁର, ୬।୩(ବି.ପ୍ର.)

ନବରଙ୍ଗପୁରସ୍ଥିତ ଦଶହରାପଦା ସାହିର ଏମ୍‌ଡି ମନ୍‌ସୁରଙ୍କଠାରେ ବିଶ୍ୱାସ ଜନ୍ମାଇ ୪୨ଲକ୍ଷ ୩୦ହଜାରଟଙ୍କା ଠକେଇ ଘଟଣାରେ ମନ୍‌ସୁର ଶୁକ୍ରବାର ନବରଙ୍ଗପୁର ଆଦର୍ଶ ଥାନାରେ ଅଭିଯୁକ୍ତ ଏମ୍ ସନ୍ତୋଷ ବିରୋଧରେ ଏତଲା ଦେଇଛନ୍ତି । ଏହାକୁ ଭିତ୍ତିକରି ପୋଲିସ ଅଭିଯୁକ୍ତ ସନ୍ତୋଷଙ୍କୁ ଅଟକ ରଖିଛି । ସେହିପରି ବ୍ୟବହୃତ ମୋବାଇଲକୁ ଜବତ କରି ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି । ପ୍ରକାଶ ଯେ, ସହରର ଜୈନ ମନ୍ଦିର ଗଳିର ସନ୍ତୋଷ ବିଭିନ୍ନ ଉପାୟରେ ସ୍ୱର ବଦଳାଇ ମହିଳାଙ୍କ ପରିଚୟରେ, ମାଓବାଦୀ ନାମରେ ଲକ୍ଷାଧିକ ଟଙ୍କା ନେଇଥିଲେ । ଏମିତିକି ଟଙ୍କା ନ ଦେଲେ ହତ୍ୟା କରିବାକୁ ଧମକ ମଧ୍ୟ ଦେଇଥିଲେ । ମନ୍‌ସୁର ଭୟଭୀତ ହୋଇ ଜମି ବିକ୍ରି ଓ ବନ୍ଧକ ରଖି ଅଭିଯୁକ୍ତଙ୍କୁ ଟଙ୍କା ଦେଇଥିଲେ । ୫ କିସ୍ତିରେ ସେ ୪୨ଲକ୍ଷ ୩୦ହଜାର ଟଙ୍କା ଦେଇଥିଲେ । ପରବର୍ତ୍ତୀ ସମୟରେ ସମସ୍ତ ସ୍ୱର ସନ୍ତୋଷଙ୍କର ବୋଲି ମନ୍‌ସୁରଙ୍କ ପୁଅ ଜାଣିବାକୁ ପାଇଥିଲେ । ଏହାପରେ ମନ୍‌ସୁରଙ୍କ ୨ ପୁଅ ସନ୍ତୋଷଙ୍କ ଘରକୁ ଯାଇ ୨୦୧୯ ଜାନୁୟାରୀରେ ୨୯ଲକ୍ଷ ୧୭ହଜାର ଟଙ୍କା ଏକ ବ୍ୟାଗରୁ ଉଦ୍ଧାର କରି ଆଣିଥିଲେ । ଏନେଇ ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ । ସେ ସମୟରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା । ଫଳରେ ଗୁରୁବାର ନବରଙ୍ଗପୁର ଥାନାକୁ ଆସି ମନ୍‌ସୁର, ବଡପୁଅ ଏମ୍‌ଡି ଜାଫର୍ ଓ ସାନପୁଅ ଏମ୍‌ଡି ଜମିର୍ ଥାନା ଅଧିକାରୀ ତାରିକ୍ ଅହମ୍ମଦଙ୍କ ନିକଟରେ ସମସ୍ତ ବିଷୟ ଜଣାଇବା ସହ ଏତଲା ଦେଇଥିଲେ ।

# ଦିବ୍ୟାଙ୍ଗ ପୁଅକୁ ନେଇ ଅନ୍ୟ ଦୁଆରେ ନୀଳିମା

## ବାସହରା କଲା ଅଦିନିଆ ଝଡ଼ବର୍ଷା

ରାଇଘର,୬।୩(ଡି.ଏନ୍.ଏ.):

ଅଦିନିଆ ଝଡ଼ବର୍ଷା ନବରଙ୍ଗପୁର ଜିଲା ରାଇଘର ବ୍ଲକ୍‌ର କୁମ୍ଭାରପାରା ଗ୍ରାମର ନିଖିଲ ମଲ୍ଲିକଙ୍କ ପରିବାରକୁ ବାସହରା କରିଛି । ଗୁରୁବାର ମଧ୍ୟରାତ୍ରିରେ ପ୍ରବଳ ବର୍ଷା ଓ ପବନ ଯୋଗୁ ଘରର ଆଜବେଷ୍ଟର୍ସ ସମ୍ପୂର୍ଣ୍ଣ ଉଡ଼ିଯିବା ସହ ଆସବାବ ପତ୍ର ନଷ୍ଟ ହୋଇଯାଇଛି । ସୂଚନା ପ୍ରକାରେ, ନିଖିଲ୍‌ଙ୍କ ୬ ବର୍ଷ ତଳେ ମୃତ୍ୟୁ ଘଟିଥିଲା । ଏହା ପରେ ସ୍ତ୍ରୀ ନଳିମା ୨ ପୁଅଙ୍କୁ ନେଇ ଏକ ଅସମ୍ପୂର୍ଣ୍ଣ ଛୋଟ ଆଜବେଷ୍ଟର୍ସ ଘରେ ରହିଆସୁଥିଲେ । ହେଲେ ଆର୍ଥିକ ସ୍ଥିତି ଖରାପ ଯୋଗୁ ବଡ଼ପୁଅ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲିଯିବା ପରେ ମା' ପରିବା ବିକ୍ରି କରି ସାନପୁଅ(ଦିବ୍ୟାଙ୍ଗ)ଙ୍କୁ ନେଇ କଷ୍ଟରେ ଚଳୁଥିଲେ । ଏବେ ଝଡ଼ବର୍ଷା ମା'-ପୁଅଙ୍କ ମୁଣ୍ଡରୁ ଛାତ ଉଡ଼ାଇନେଇଛି । ଫଳରେ ଗଛମୂଳ ଦୁହିଁଙ୍କ ଆଶ୍ରୟସ୍ଥଳୀ ପାଲଟିଥିଲା । ନିଳିମା ଶୁକ୍ରବାର ସ୍ଥାନୀୟ ତହସିଲ୍ କାର୍ଯ୍ୟାଳୟକୁ ଯାଇ ଗୁହାରି କରିବା ପରେ ଏକ ପଲିଥିନ୍ ମିଳିଛି । ହେଲେ ଅସଜଡ଼ା ଘରକୁ ସଜାଡ଼ିବା ପାଇଁ ତାଙ୍କ ନିକଟରେ ସମ୍ବଳ ନାହିଁ । ତେଣୁ ଗାଁ ଲୋକେ ତାଙ୍କୁ ଆଶ୍ରୟ ଦେଇଛନ୍ତି । ପ୍ରକାଶ ଯେ, ସରକାରୀ ସହାୟତା କହିଲେ ନିଳିମାଙ୍କୁ ବିଧବା ଭତ୍ତା, ୧୦ କେଜି ଚାଉଳ ଏବଂ ପୁଅକୁ ଦିବ୍ୟାଙ୍ଗ ଭତ୍ତା ମିଳୁଛି । ହେଲେ ଘର ଖଣ୍ଡିଏ ପାଇଁ ସେ ବାରମ୍ବାର ପଞ୍ଚାୟତ ଓ ବ୍ଲକ୍‌କୁ ଯାଇ ନୟାନ୍ତ ହୋଇଥିଲେ ମଧ୍ୟ ମିଳିପାରି ନ ଥିବା ସେ କୋହଭରା କଣ୍ଠରେ କହିଛନ୍ତି । ତାଙ୍କୁ ସରକାରୀ ଯୋଜନାରେ


ଝଡବର୍ଷାରେ ନଳିମା ଘର ଆଜବେଷ୍ଟସ ଉଡିଯାଇଛି ।

UTKAL UNIVERSITY
VANI VIHAR, BHUBANESWAR - 751004, ODISHA, INDIA
NAAC ACCREDITED A+
ADVERTISEMENT
No Estt-II / HC-1183 / 9600 / 2020 Dated: 14.2.2020
Applications along with Curriculum Vitae are invited for engagement of two Retired Doctors purely on contractual basis with consolidated remuneration of ₹ 55,000/- (Rupees fifty five thousand) only per month to work in the University Health Centre.
AGE LIMIT: Below 70 years.
The date of personal interview shall be intimated later on.
Sd/-
REGISTRAR

# ଥାନାରେ ଗ୍ରହଣ କଲେନି ଏତଲା, ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଅଭିଯୋଗକାରୀ

ନବରଙ୍ଗପୁର,୬।୩(ବି.ପ୍ର.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧିକାରୀ ଅଭିଯୋଗ ଶୁଣିଲେ ନାହିଁ । ଫଳରେ ଅଭିଯୋଗକାରୀ ସୁନାଧର ନାଗ(୬୦) ଓ ଘନ ବୈଶାଳ(୪୦) ପରିବାର ବର୍ଗଙ୍କ ସହ ଏସପିଙ୍କ ନିକଟକୁ ଆସି ଅଭିଯୋଗ କରିଛନ୍ତି । ଖବରରୁ ଜଣାପଡିଛି ନବରଙ୍ଗପୁର ଜିଲା ଅନକାବେଡା ଗାଁର ସୁନାଧର ନାଗ, ଘନ ବୈଶାଳ ଓ ପୁଅ ଜତିନ ବୈଶାଳ(୪) ଗତ ୩ରେ ବାଦିବାହାଲ ଗାଁକୁ ଏକ ବିବାହ ଭୋଜିକୁ ଯାଇଥିଲେ । ଏକ ୪ ଚକିଆ ଗାଡିରେ ଅନ୍ୟମାନଙ୍କ ସହ ଫେରଥିଲେ । ବାଜିବାହାଲ ନିକଟ ନୂଆପଡା ଗାଁର ବଲ ନାଗ, ଗୋପୀ ଖେରସେଲ ଓ ନିରୁ ଖରସେଲ ବାଇକ୍‌ରେ ଆସି ରାତି ୮ଟାରେ ଗାଡିକୁ ଅଟକାଇ ସୁନାଧର, ଘନଙ୍କୁ ପଥର ଓ ଠେଙ୍ଗାରେ ମାଡ ମାରିଥିଲେ । ଘନଙ୍କ ୪ ବର୍ଷର ପୁଅକୁ ଟେକି ଫିଙ୍ଗି ଦେଇଥିଲେ । ଘଟଣା ଓଡିଶା-ଛତିଶଗଡ ସୀମାନ୍ତ ସିନ୍ଧିମୁଣ୍ଡା ଜଙ୍ଗଲ ରାସ୍ତା ନିକଟରେ ଘଟିଥିଲା । ପରେ ବାଇକ୍‌ରେ ସୁନାଧର ଓ ଘନଙ୍କୁ ନେଇ ସେମାନେ ବାଜିବାହାଲରେ ଛାଡି ଦେଇଥିଲେ । ପୁରମ ସାହାଣ ଓ ଟୁକୁନା ପ୍ରସାଦ ଦାଶ ମାଡ ମାରିବା ସମୟରେ ବଲ, ଗୋପୀ ଓ ନିରୁଖରଙ୍କୁ ମାଡ ନମାରି ଛାଡିଦେବାକୁ ଅନୁରୋଧ କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ । ଏନେଇ ଅଭିଯୋଗକାରୀ ୪ ତାରିଖରେ ଚନ୍ଦାହାଣ୍ଡି ଥାନାରେ ଏତଲା ଦେବା ପରେ ପୋଲିସ ଚିକିତ୍ସା ସେମାନଙ୍କ କରାଇଥିଲା । ମାତ୍ର ଏତଲା ଗ୍ରହଣ ନ କରି ଅଭିଯୋଗକାରୀଙ୍କୁ ଘଟଣାଟି ଛତିଶଗଡ ଅଞ୍ଚଳରେ ହୋଇଛି ସେହି ଅଞ୍ଚଳର ଥାନାରେ ଏତଲା ଦେବାକୁ କହି ଫେରାଇ ଦେଇଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି ।



ଏସପିଙ୍କୁ ଅଭିଯୋଗ କରିବାକୁ ଆସିଥିବା ଅଭିଯୋଗକାରୀ ମାନେ ।

# କୃଷକ ସଂଘ ପକ୍ଷରୁ ଶୋଭାଯାତ୍ରା

## ରାଜପଥର ନକ୍ସା ପରିବର୍ତ୍ତନ ଦାବି କଲେ

ରାଇଘର,୬।୩(ଡି.ଏନ୍.ଏ.-)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୃଷକ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ଜିଲାପାଳଙ୍କୁ ଏକ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ରାଇଘର ବ୍ଲକ ଦେଇ ନିର୍ମାଣ ହେବାକୁ ଥିବା ରାଜପଥର ନକ୍ସା ପରିବର୍ତ୍ତନ କରି ମୁଖ୍ୟ ରାସ୍ତାରେ ନିର୍ମାଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ରାଇଘର ବ୍ଲକ ଏକ ସୀମାନ୍ତ ବ୍ଲକ ହୋଇଥିବାରୁ ଏଠାରେ ଶତକଡା ୯୦ ପ୍ରତିଶତ ଲୋକ ଆଦିବାସୀ ଓ ହରିଜନ ସମ୍ପ୍ରଦାୟର ଅଛନ୍ତି । ଶତକଡା ୯୦ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି । କୃଷିକୁ ଛାଡିଦେଲେ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ । ବ୍ଲକରେ ଶିଳ୍ପଟିଏ ନାହିଁ । ବ୍ଲକର ଅନେକ ଯୁବତୀ ଯୁବକ ବେକାର ରହି ଦାଦନ ଖଟିବାକୁ ପଡୋଶୀ ରାଜ୍ୟକୁ ଯାଉଛନ୍ତି । ୧୯୬୨ ପରେ ରାଇଘର ବ୍ଲକରେ ସେଟେଲମେଣ୍ଟ ହୋଇନାହିଁ । ଖାତାଦାରଙ୍କ ନାମରେ ୧୦ ଓ ୧୫ ଏକର ଜମି ରହିଛି । ଉତ୍ତରାଧିକାରୀଙ୍କୁ ଭାଗ କଲେ ଜଣକା ଏକରେ ଜମି ପଡିବନାହିଁ । ଫଳରେ ପରିବାର ପୋଷଣ କରିବା କଷ୍ଟକର ହେଉଛି । ବ୍ଲକରେ ଜଳ ସେଚନ ବ୍ୟବସ୍ଥା ନାହିଁ । କେବଳ ବର୍ଷା ହିଁ ଭରଷା । ସରକାରଙ୍କ ନିୟମନୁସାରେ ଆଦିବାସୀ ଜମି ବିକ୍ରୟ ପାଇଁ ଅତିକମରେ ୫ ଏକର ଜମି ବଳକା ରହୁଥିବା ଆବଶ୍ୟକ । ଏହା ଯଦି ଚିହ୍ନଟ ହେବ କୌଣସି ଚାଷୀ ଜମି ବିକ୍ରୟ ବା ହସ୍ତାନ୍ତର ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ । ପ୍ରସ୍ତାବିତ ରାଜପଥ (ବାଇପାସ୍) ଭାରଣ୍ଡପାରାଠାରୁ ଧନରା ଗ୍ରାମ ମଧ୍ୟରେ ନିର୍ମାଣ ହେଲେ ୧ହଜାର ପରିବାର ବେସାହାରା ହେବେ । ମୁଖ୍ୟ ରାଜରାସ୍ତାରେ ୪ ଲାଇନ୍ ବିଶିଷ୍ଟ କରାଗଲେ ହଜାର ହଜାର ଚାଷୀ ଜୀବୀକାରୁ ବଞ୍ଚିତ ହେବୁ ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଯେକୌଣସି ପରିସ୍ଥିତି ସୃଷ୍ଟି ହେଲେ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଶୋଭାଯାତ୍ରାରେ କୃଷକ ସଂଘ ସଭାପତି ସଣ୍ଡରାଜ ଗଣ୍ଡ, ଉପ ସଭାପତି ଟପିରାମ ନାୟକ, ସମ୍ପାଦକ ମୁନା ରୁପଚାନ୍ଦ, ସହ ସମ୍ପାଦକ ପଦ୍ମୁ ରାମ ନାୟକ , କୋଷାଧ୍ୟକ୍ଷ ଗଣେଶ ରାମ କୁର୍ମୀ, ପ୍ରତାପ ଗଣ୍ଡ , ଗୌତମ ଗଣ୍ଡ, ରାଜେଷ ଜାନିଙ୍କ ସମେତ ୫ହଜାରୁ ଊର୍ଦ୍ଧ ଚାଷୀ ସାମିଲ ହୋଇଥିଲେ । ସମାବେଶ ହୋଇଥିଲା ।



କୃଷକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।





ବିପଦର ଆଶଙ୍କା ପାଇଲେ କଇଁଛ ଯେପରି ତା'ର ଖୋଳ ଭିତରେ ନିଜକୁ ସଙ୍କୁଚିତ କରିଆଣେ, ସେହିପରି ଅତିଶୟ ଇନ୍ଦ୍ରିୟ ଭୋଗ ବା କାମ ପିପାସା ଜାଗ୍ରତ ହେଲେ ବିଜ୍ଞବ୍ୟକ୍ତି ଆତ୍ମସଂଯମର ଖୋଳ ଭିତରେ ନିଜର ଆତ୍ମରକ୍ଷା କରେ । -ମହାବୀର ଜୈନ



## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ପକ୍କାରାସ୍ତା ନିର୍ମାଣ ନେଇ ଆଲୋଚନା



ଦଶମନ୍ତପୁର,୬ା୩(ଡ଼ି.ଏନ.ଏ):ସ୍ଥାନୀୟ ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ ସଭାକକ୍ଷରେ ଶୁକ୍ରବାର ଆର୍‌ଡ଼ି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କନିଷ୍ଠ ଯନ୍ତ୍ରୀ ଦୁର୍ଗା ଚରଣ ମାରାଣ୍ଡି ଏବଂ ଗଜେନ୍ଦ୍ର ମୁର୍ମୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଉପାଧକ୍ଷ ନାରାୟଣ ବିଶୋଇ ମୁଖ୍ୟ ଅତିଥି, ଏମ୍‌ପି ପ୍ରତିନିଧି ରୁପକ ଡୁରୁକ, ଜିଲା ପରିଷଦ ସଭ୍ୟ କହ୍ନେଇ ଜାନୀ, ମମତା କୁଳଦୀପ, ସହକାରୀ କନିଷ୍ଠ ଯନ୍ତ୍ରୀ ଦାଶରଥି ମୁର୍ମୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯେଉଁ ଆର୍‌.ଡ଼ି. ରାସ୍ତା ୧୦ ବର୍ଷ ପୁରୁଣା ହୋଇଥିବ ଏବଂ ଛକଠାରୁ ୨ ରୁ ୩ ଗାଁ କୁ ସଂଯୋଗ କରୁଥିବା ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନୂତନ ଭାବେ କରିବା ନେଇ ଆଲୋଚନା ହୋଇଥିଲା । ଏଥିସହ କେଉଁ କେଉଁ ଗାଁ ରାସ୍ତାକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଏନବିସିସି ଏକ ଠିକା ସଂସ୍ଥା ଉକ୍ତ ଅଞ୍ଚଳରେ ଆସି ନିମ୍ନମାନର ପକ୍କାରାସ୍ତା ନିର୍ମାଣ କରି ମାଲାମାଲ ହେଉଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ବୈଠକରେ ବିଜେଡ଼ି ସମ୍ପାଦକ ସୁରେଶ ସୁବୁଦ୍ଧି,ବ୍ଲକର ସମସ୍ତ କନିଷ୍ଠଯନ୍ତ୍ରୀ,୧୬ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ,ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ ।

### ବାଇକ ଦୁର୍ଘଟଣାରେ ଜଣେ ମୃତ

ଫାମ୍ପଣି/ଜୟପୁର, ୬ା୩ (ଡି.ଏନ.ଏ ): ଶୁକ୍ରବାର ରାତି ୯ଟାରେ କୁନ୍ଦୁରା-ଜୟପୁର ରାସ୍ତା ଘାଟବାଗରା ନିକଟ ନୂଆଗୁଡା ଗ୍ରାମଠାରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଯୁବକଙ୍କ ପରିଚୟ ମିଳିନାହିଁ । ଭାରସାମ୍ୟ ହରାଇ ରାସ୍ତାରେ ପଡି ଦୁର୍ଘଟଣାର ଶିକାର ହୋଇଥିବା ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି ।

### ଶ୍ରୀ ଅଭୟ ଆଞ୍ଜେନେୟଙ୍କ ବାର୍ଷିକ ଉତ୍ସବ

ଦାମନଯୋଡ଼ି,୬ା୩(ଡି.ଏନ୍.ଏ.): ଦାମନଯୋଡ଼ିର ନାଲ୍‌କୋ ଟାଉନ୍‌ସିପରେ ଥିବା ଶ୍ରୀ ଅଭୟ ଆଞ୍ଜେନେୟଙ୍କ ମନ୍ଦିର ଓ ୧୦୮ ଫୁଟ ୯ ଇଞ୍ଚର ଶ୍ରୀ ଆଞ୍ଜେନେୟ (ହନୁମାନ)ଙ୍କ ବିଗ୍ରହର ୩ୟ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ସକାଳେ ସୂର୍ଯ୍ୟ ପୂଜା କରାଯିବା ପରେ ମନ୍ଦିରରେ ହନୁମାନଙ୍କ ଅଷ୍ଟଧାତୁ ମୂର୍ତ୍ତିଙ୍କ ମହାସ୍ନାନ ଓ ବେଶ କରାଯାଇ ଷୋଡଶ ଉପଚାର ପୂଜା କରାଯାଇଥିଲା । ଶ୍ରୀ ହନୁମାନଙ୍କ ନାମରେ ସମସ୍ତ ଆହୁତି ଯଜ୍ଞ ସହ ସନ୍ଧ୍ୟାରେ ପୂର୍ଣ୍ଣାହୂତି ହୋଇଥିଲା । ଏହାପରେ ଆଳତୀ ଓ ପୁଷ୍ପାଞ୍ଜଳି ନୀତି ହୋଇଥିଲା । ପଣ୍ଡିତ ବିନୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ହେଉଥିବା ବେଳେ ପଣ୍ଡିତ ଜନାର୍ଦ୍ଦନ ମିଶ୍ର, ନରେନ୍ଦ୍ର କୁମାର ପତି ଓ ଦୁର୍ଗା ମାଧବ ଆଚାର୍ଯ୍ୟ , ପୂଜକ ବଳରାମ ରଥ ଓ ପ୍ରଭାତ କୁମାର ପଣ୍ଡା ପୂଜାକାର୍ଯ୍ୟ କରିଥିଲେ । ସୁନୀଲ ଚୌଧୁରୀ ଓ ତାଙ୍କ ପତ୍ନୀ ଗୀତାଞ୍ଜଳି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ସନ୍ଧ୍ୟାରେ ପୂର୍ଣ୍ଣାହୂତି ସମୟରେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ରବିଶଙ୍କର ଦାସ, ମହାପ୍ରବନ୍ଧକ ଭୀମସେନ ପ୍ରଧାନ ପ୍ରମୁଖ ସପତ୍ନିକ ଉପସ୍ଥିତ ଥିଲେ । ଶ୍ରୀ ଅଭୟ ଆଞ୍ଜେନେୟ ପରିଚାଳନା କମିଟି କର୍ମକର୍ତ୍ତା ପରିଚାଳନା କରିଥିଲେ ।

# ସଙ୍କଟରେ କୁମ୍ଭାକାରଙ୍କ କୌଳିକ ବୃତ୍ତି

ଜୟପୁର, ୬ା୩ (ନି.ପ୍ର)

କୋରାପୁଟ ଜିଲା ଜୟପୁର ବ୍ଲକ ଅନ୍ତର୍ଗତ କୁମ୍ଭାରପୁଟ କୁମ୍ଭାରଙ୍କ ପାଇଁ ପ୍ରସିଦ୍ଧ । କିନ୍ତୁ ଗ୍ରାମରେ ରହୁଥିବା ୨ ପରିବାରଙ୍କ ଜୀବନ ଜୀବିକା ଏବେ ସଙ୍କଟରେ । ପରିବାରର ସମସ୍ତ ସଦସ୍ୟ ୨୪ ଘଣ୍ଟା କାମ କଲେ ମଧ୍ୟ ପେଟ ପୂରୁ ନାହିଁ । ଭବିଷ୍ୟତରେ କୁମ୍ଭାର ଚକ ବୁଲିବ କି ନାହିଁ ସେ ନେଇ ଚିନ୍ତାରେ ପରିବାର । ଗ୍ରାମରେ ଏକ ହାଣ୍ଡିଶାଳ ନିର୍ମାଣ ଓ ବଜାର ସୁବିଧା ନେଇ ବାରମ୍ବାର ଗୁହାରି କଲେ ମଧ୍ୟ କେହି ସେମାନଙ୍କ ଦୁଃଖ ଶୁଣୁନାହାନ୍ତି ।

ମାଟି ସହିତ ମଣିଷର ସମ୍ପର୍କ ଅତି ନିବିଡ । ଅନ୍ତୁଡିଶାଳରୁ ଶ୍ମଶାନ ପର୍ଯ୍ୟନ୍ତ ମାଟି ସାମଗ୍ରୀ ଲୋଡା । ଦିନ ଥିଲା ଏହା ଲୋକଙ୍କ ଜରୁରୀ ଥିଲା । ହେଲେ ବର୍ତ୍ତମାନ ଆଧୁନିକ ଯୁଗରେ ଏହାର ଚାହିଦା କମିବାରେ ଲାଗିଛି । ବଜାର ଚାହିଦା ହ୍ରାସ, ପ୍ରଶାସନ ତରଫରୁ ବଜାର ପାଇ ସୁଯୋଗ ନ ଦେବା, ଜାଳେଣିକାଠର ଅଭାବ, ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି କୁମ୍ଭାରଙ୍କ ପରିବାରକୁ ବେଶ୍ ପ୍ରଭାବିତ କରିଛି । ଉପଯୁକ୍ତ ପାରିଶ୍ରମିକ ମିଳୁ ନ ଥିବାରୁ ଅନେକ ପରିବାର ଏହି ବେଉସାକୁ ଛାଡିବାରେ ଲାଗିଲେଣି । କୁମ୍ଭାରପୁଟ ଗ୍ରାମରେ ହାତଗଣତି ପରିବାର ଏହି କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି । ସକାଳ ହେବା ମାତ୍ରେ ପରିବାର ଲୋକେ ଦୀପ, ରୁଖା, କଳସ, ହାଣ୍ଡି, ପାଣି ହାଣ୍ଡି ଆଦି ମାଟି ସାମଗ୍ରୀ ପ୍ରସ୍ତୁତ କରିବାରେ ଲାଗି ପଡ଼ନ୍ତି । ଏହି କାମରେ ପୁରୁଷମାନଙ୍କୁ ଘରର ମହିଳାମାନେ ସହଯୋଗ କରିଥାନ୍ତି । ପରିବାରର ସମସ୍ତ ସଦସ୍ୟ ଏହି କାମ କରୁଥିଲେ ମଧ୍ୟ ପରିବାର ଚଳିବା କଷ୍ଟକର ହୋଇପଡ଼େ ସେମାନଙ୍କର । ସରକାରଙ୍କ କୌଣସି ଯୋଜନା ମଧ୍ୟ ଏମାନଙ୍କ ଲାଗି ନାହିଁ । ମାଟି ପାତ୍ର ତିଆରି କରିବା ପରେ ସେମାନେ ଜୟପୁରକୁ ଆସି ସାହି ସାହି ବୁଲି ବିକ୍ରି କରିଥାନ୍ତି । ଏମାନଙ୍କ ପାଇଁ ପୌରପରିଷଦ କି ପ୍ରଶାସନ ତରଫରୁ ମାଟି ଜିନିଷ ବିକ୍ରି କରିବା ଲାଗି ବଜାର ସୁବିଧା କରାଯାଉନାହିଁ । ଫଳରେ କମ ଦରରେ ଘର ଘର ବୁଲି ବିକ୍ରି କରିବାକୁ ପଡ଼ିଥାଏ ସେମାନଙ୍କୁ । ଦୈନିକ ଶହେରୁ ୨ ଶହ ଟଙ୍କା ରୋଜଗାର କରିଥାନ୍ତି । ଏତିକି ରୋଜଗାରରେ ପରିବାର ଚଳାଇବା ସେମାନଙ୍କ ପାଇଁ କାଠିକାର ପାଠ । ହାଣ୍ଡିଶାଳଟିଏ ନିର୍ମାଣ କରିବା ପାଇଁ ଗୁହାରି କରି ଥକିଲେଣି । କିନ୍ତୁ କୌଣସି ନେତା କି ପ୍ରଶାସନ କର୍ଣ୍ଣପାତ କରୁ ନାହାନ୍ତି । ବର୍ଷ କୁ ୬ ମାସ କାମ କଲେ ୬ ମାସ ବନ୍ଦ ସେମାନଙ୍କର ଏହି କାମ । ସରକାରଙ୍କ ଆନ୍ତରିକତା ଅଭାବରୁ କୁମ୍ଭାରପୁଟ କୁମ୍ଭାରମାନେ କୌଳିକ ବୃତ୍ତିକୁ ଛାଡି ଅନ୍ୟ କାମ କରିବା ସହ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି ବୋଲି ଗ୍ରାମର ରଘୁ ନାଥ କୁମ୍ଭାର, ଲବ କୁମ୍ଭାର, ଇଶ୍ୱର କୁମ୍ଭାର, ସୁନା ଧର କୁମ୍ଭାର ପ୍ରକାଶ କରିଛନ୍ତି ।



ଜଣେ ବ୍ୟକ୍ତି ମାଟି ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି ।



ଜଣେ ମହିଳା ଦୀପ ଶୁଖାଉଛନ୍ତି ।

- କେହି ଶୁଣୁନାହାନ୍ତି ଦୁଃଖ
- ଭବିଷ୍ୟତରେ ବୁଲିବ ନାହିଁ କୁମ୍ଭାର ଚକ
- ହାଣ୍ଡିଶାଳ ନିର୍ମାଣ ପାଇ ବାରମ୍ବାର ଗୁହାରି
- ବଜାର ସୁବିଧା ଯୋଗାଉନି ପ୍ରଶାସନ

# ଚୋର ନେଇଗଲେ ଛେଳି, ଛାଡ଼ିଗଲେ ବାଇକ୍

ଲକ୍ଷ୍ମୀପୁର, ୬ା୩ (ଡି.ଏନ୍.ଏ.)

ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଥାନା ଅଧୀନ ଗୌଡଗୁଡା ଗ୍ରାମରେ ଚୋରମାନେ ଛେଳି ଚୋରି କରି ନେଲେ କିନ୍ତୁ ବାଇକ୍‌ଟି ଛାଡିଦେଇ ଚାଲିଗଲେ । ଏପରି ଘଟଣା ଗତ ୩ ତାରିଖ ମଧ ରାତ୍ରରେ ଘଟିଛି । ଗୌଡଗୁଡା ଗ୍ରାମର କାଙ୍ଗୁ ଧାଙ୍ଗଡା ମାଝିଙ୍କ ଗୁହାଳରୁ ଚୋରମାନେ ୩ଟି ଛେଳି ଚୋରି କରି ନେଇଥିଲେ । ପୁଣି ଆଉ ଛେଳି ଚୋରି କରିବା ପାଇଁ ଆସିଥିଲେ । ଏହି ସମୟରେ ଛେଳିଗୁଡିକ ବୋବେଇବାରୁ କାଙ୍ଗୁ ଓ ପାଖ ପଡୋଶୀ ଉଠି ଚୋରଙ୍କୁ ଗୋଡାଇଥିଲେ । ଭୟରେ ଚୋରମାନେ ବାଇକ୍ (ଓଡି୧୦ ଜେ ୫୪୨୬) ଛାଡି ଚାଲିଯାଇଥିଲେ । ଏ ନେଇ କାଙ୍ଗୁ କାକିରିଗୁମ୍ମା ଥାନାରେ ଅଭିଯୋଗ କରିଥିଲେ । ପରେ କାକିରିଗୁମ୍ମା ଥାନା ଅଧିକାରୀ ଧୀରେନ୍ କୁମାର ପଟ୍ଟନାୟକ ଛେଳି ଚୋର ଅର୍ଜୁନ ଖୋସ୍ଲାଙ୍କୁ ଚାରଡା ଗ୍ରାମରୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛନ୍ତି । ଛେଳି ବିକ୍ରି ହୋଇଥିବା ୧୦ ହଜାର ଟଙ୍କାରୁ ୯ ହଜାର ଟଙ୍କା ଜବତ କରାଯାଇଛି । ପୋଲିସ ଏନେଇ ଏକ ମାମଲା(୨୧/୨୦) ରୁଜୁ କରି ତଦନ୍ତ ଚଳାଇଛି । ଅନ୍ୟ ସହଯୋଗୀମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।



ଗିରଫ ହୋଇଥିବା ଅଭିଯୁକ୍ତ ।

## ଜିଲା ଆଇନଜୀବୀ ସଂଘ ନିର୍ବାଚନ

# ୧୨ ପଦବୀ ପାଇଁ ୨୧ ନାମାଙ୍କନପତ୍ର ଦାଖଲ



ଆଇନଜୀବୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି ।

ଜୟପୁର, ୬ା୩ (ଡି.ଏନ.ଏ )

କୋରାପୁଟ ଜିଲା ଆଇନଜୀବୀ ସଂଘ ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ଗୁରୁବାର ଏବଂ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରାଯାଇଛି । ଜୟପୁରସ୍ଥିତ ଜିଲା ଆଇନଜୀବୀ ସଂଘ କାର୍ଯ୍ୟାଳୟଠାରେ ୧୨ ପଦବୀ ନିମନ୍ତେ ୨୧ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସଭାପତି ପଦବୀ ନିମନ୍ତେ ସରୋଜ ଦାଶ, ଦାଶରଥୀ ପଟ୍ଟନାୟକ, ସୁଧୀର ତ୍ରିପାଠୀ, ଉପସଭାପତି ଲାଗି ଶରତ ମାଝି, ସୁନୀଲ ପଟ୍ଟନାୟକ, କିଶୋର ଚନ୍ଦ୍ର ମିଶ୍ର, କେ.ଏନ, ଖଲିଦ, ସମ୍ପାଦକ ପାଇଁ ରବୀନ୍ଦ୍ର ପାତ୍ର ଏବଂ ତେଜେଶ୍ୱର ପଣ୍ଡା ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ଯୁଗ୍ମ ସମ୍ପାଦକ ଲାଗି ଗିରିଧର ଖରା, ଗଙ୍ଗାଧର ନାୟକ, କୋଷାଧ୍ୟକ୍ଷ ପାଇଁ ହରିଶ ମଦୁଲି, ଗୋପବନ୍ଧୁ ସାନ୍ତ୍ରା , ୭ କାର୍ଯ୍ୟକାରୀ ସଦସ୍ୟ ନିମନ୍ତେ କେ. ଅରୁଣ କୁମାର, ଲିଭିଙ୍ଗ ଷ୍ଟୋନ ଖୋସ୍ଲା, ନବୀନ ଚନ୍ଦ୍ର ସାହୁ, ଶୈଳେଶ ମହାପାତ୍ର, କାହ୍ନୁଚରଣ ମିଶ୍ର, ମୀନକେତନ ପରିଚ୍ଛା, ଏ.ସୁରେଶ କୁମାର,ଟି. ଜଗଦୀଶ କୁମାର ନାମାଙ୍କନପତ୍ର ଦାଖଲ କରିଛନ୍ତି । ଶନିବାର ଯାଞ୍ଚ,୧୩ରେ ନାମାଙ୍କନ ପତ୍ର ପ୍ରତ୍ୟାହାର ଏବଂ ୧୪ ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ଶଶାନନ୍ଦ ମିଶ୍ର ପ୍ରକାଶ କରିଛନ୍ତି ।

# ରାଜମିସ୍ତ୍ରି ଅପହରଣ ମାମଲା: ୩ ଗିରଫ

ସେମିଳିଗୁଡା, ୬ା୩(ସ୍ୱ.ପ୍ର)

କୋରାପୁଟ ସେମିଳିଗୁଡାର କୈଳାସ ନଗରରେ ରହୁଥିବା ରାଜମିସ୍ତ୍ରି ରିତୁ ସାହୁ ଅପହରଣ ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ସେମିଳିଗୁଡା ଉପର ସାହିର ସନ୍ତୋଷ ରାୟ, କଣ୍ଟାଗୁଡାର ପଦ୍ମନ ପାଙ୍ଗି ଏବଂ ଗାଙ୍ଗରାଜପୁର ପଟାଙ୍ଗି ଅଞ୍ଚଳର ଅଜିତ ପେଡାପାଲି । ସେମାନଙ୍କଠାରୁ ଅପହରଣରେ ବ୍ୟବହୃତ ଏକ କାର, ୩୦ ହଜାର ଟଙ୍କା, ଗୋଟିଏ ପ୍ଲାଷ୍ଟିକ ରଶି, ଗୋଟିଏ ରଡ଼, ଛୁରି, ୪ ମୋବାଇଲ ଫୋନ, ୨ ଆଧାର କାର୍ଡ, ଗୋଟିଏ ଭୋଟର କାର୍ଡ, ଗୋଟିଏ ଏଟିଏମ କାର୍ଡ ଜବତ କରାଯାଇଛି । ସେମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ । ଏନେଇ ସେମିଳିଗୁଡା ଥାନାରେ ଏକ ମାମଲା (କେସ ନମ୍ବର ୨୦ /୨୦) ରୁଜୁ କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସୁନାବେଡା ଏସଡିପିଓ ନିରଞ୍ଜନ ବେହେରା ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ଜାନୁୟାରୀ ୨୨ ତାରିଖରେ ରାଜମିସ୍ତ୍ରୀ ରିତୁଙ୍କୁ ଜଣେ ବ୍ୟକ୍ତି ଏକ ଅଜଣା ନମ୍ବରରୁ ଫୋନ କରି ଘର ତିଆରି କରିବା ପାଇଁ କହିଥିଲେ । ଉକ୍ତ କାମ ୬ ମାସ ଭିତରେ ସମ୍ପୂର୍ଣ୍ଣ କରିବା ପାଇଁ କହିବା ସହ ପାକଝୋଲା ଗ୍ରାମ ନିକଟ ଛକରେ ଦେଖା କରିବାକୁ ରିତୁଙ୍କୁ କହିଥିଲେ । ସେ ନିର୍ଦ୍ଧାରିତ ସମୟରେ ଉକ୍ତ ସ୍ଥାନରେ ପହଞ୍ଚିବା କ୍ଷଣି ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଅଭିଯୁକ୍ତମାନେ ତାଙ୍କୁ ଏକ କାରରେ ଅପହରଣ କରି ପୁକାଲି ନିକଟକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ୩୦ ଲକ୍ଷ ଟଙ୍କା ଦେବା ଲାଗି କହିଥିଲେ । ଶେଷରେ ମିସ୍ତ୍ରୀ ଜଣକ ଭୟରେ କୌଣସି ଉପାୟ ନ ପାଇ ୫ ଲକ୍ଷ ଟଙ୍କା ଦେବାକୁ ରାଜି ହୋଇଥିଲେ । ବଳକା ଟଙ୍କା ଯୋଗାଡ଼ କରି ଦେବେ ବୋଲି ଅନୁରୋଧ କରିଥିଲେ । ପରେ ଅପହାରଣକାରୀମାନେ ତାଙ୍କୁ ଛାଡ଼ି ଦେଇଥିଲେ । ରିତୁ ସେମାନଙ୍କୁ ୫ ଲକ୍ଷ ଟଙ୍କା ମଧ୍ୟ ଦେଇଥିଲେ । କିଛି ଦିନ ପରେ ବଳକା ଟଙ୍କା ଦେବାକୁ ଫୋନରେ ଧମକ ଦେଇଥିଲେ ଅପହରଣକାରୀମାନେ । ଶେଷରେ କୌଣସି ଉପାୟ ନ ପାଇ ସେ ମାର୍ଚ୍ଚ ୨ ତାରିଖରେ ସେମିଳିଗୁଡା ଥାନାରେ ଏତାଲା ଦେଇଥିଲେ । ଥାନା ଅଧିକାରୀ ଧିରେନ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା । ଏହି ମାମଲାରେ ସମ୍ପୃକ୍ତ ଥିବା ୮ ଅଭିଯୁକ୍ତଙ୍କ ମଧ୍ୟରୁ ଶୁକ୍ରବାର ୩ ଜଣଙ୍କୁ ଗିରଫ କରାଯାଇଛି ।

### ବିଷ ପିଇ ଯୁବତୀଙ୍କ ଆତ୍ମହତ୍ୟା

ଜୟପୁର, ୬ା୩ (ଡି.ଏନ.ଏ ):

କୋରାପୁଟ ଜିଲା ଜୟପୁର ଟାଉନଥାନା ଇରିଗେସନ କୋଲନୀରେ ବିଷପାନ କରି ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ଯୁବତୀ ଶୁକ୍ରବାର ମୃତ୍ୟୁ ହୋଇଛି । ସେ ହେଲେ ସରସ୍ୱତୀ କଅଁର (୨୧) । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ । ସରସ୍ୱତୀ କୌଣସି କାରଣକୁ ନେଇ ଗତ ବୁଧବାର ବିଷ ପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି ।

# ଅନ୍ତେବାସୀ ଆତ୍ମହତ୍ୟା ଘଟଣା: ସୁପରିଣ୍ଟେଣ୍ଡେଣ୍ଟ ଗିରଫ

ବୈପାରୀଗୁଡା,୬ା୩(ଡି.ଏନ୍.ଏ)

ବୈପାରୀଗୁଡା ଥାନା ଚନ୍ଦ୍ରପଡାସ୍ଥିତ ଆଦର୍ଶ ବିଦ୍ୟାଳୟ ଅନ୍ତେବାସୀ ଆତ୍ମହତ୍ୟା ମାମଲାରେ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ତଥା ଓଡିଆ ଶିକ୍ଷୟିତ୍ରୀ ସୁଜାତା ନାୟକଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ତଦନ୍ତ ଅଧିକାରୀ ରମେଶ ଚନ୍ଦ୍ର ଦେବର୍ତ୍ତା ପ୍ରକାଶ କରିଛନ୍ତି । ଶୁକ୍ରବାର କୋରାପୁଟ ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ ଓ ଜୟପୁର ଉପଜିଲାପାଳ ଲୋକନାଥ ଦଳପତି ବିଦ୍ୟାଳୟକୁ ଯାଇ ଅନୁଧ୍ୟାନ କରିଛନ୍ତି । ଅପରପକ୍ଷେ ଉକ୍ତ ଘଟଣା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀନିବାସରୁ ସମସ୍ତ ଅନ୍ତେବାସୀଙ୍କୁ ଘରକୁ ପଠାଇ ଦେଇଛନ୍ତି । ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛାତ୍ରୀନିବାସକୁ ବନ୍ଦ ରଖାଯାଇଛି । ହଷ୍ଟେଲରେ ଏବେ ନବମ ଓ ଦଶମ ଶ୍ରେଣୀର ୨୯ ଆଦିବାସୀ ଓ ତଫସିଲଭୁକ୍ତ ଜାତିର ଛାତ୍ରୀମାନେ ରହୁଥିଲେ । ଆଗକୁ ବାର୍ଷିକ ପରୀକ୍ଷା । ବର୍ତ୍ତମାନ ହଷ୍ଟେଲ ବନ୍ଦ ହୋଇଯିବାରୁ ଏହା ପାଠପଢାରେ ପ୍ରଭାବ ପକାଇବ ବୋଲି ଛାତ୍ରୀମାନେ କହିଛନ୍ତି ।

ସୂଚନାଯୋଗ୍ୟ,ଗୁରୁବାର ଏଠାରେ ରହୁଥିବା ଅନ୍ତେବାସୀମାନେ ମଧ୍ୟାହ୍ନଭୋଜନ ଖାଇବାକୁ ଯାଇଥିଲେ । ଏହି ସମୟରେ ବିଳାସିନୀ ଏକ କୋଠରିରେ ବେକରେ ଓଢଣୀ ଦେଇ ଆତ୍ମହତ୍ୟା କରିଥିଲେ । ଅନ୍ୟ ଅନ୍ତେବାସୀମାନେ ଖାଇସାରି ଫେରି କବାଟ ବାଡ଼େଇଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ । ପରେ ସେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା । ଆତ୍ମହତ୍ୟା କରିବା ପୂର୍ବରୁ ବିଳାସିନୀ ତାଙ୍କର ଜଣେ ସାଙ୍ଗ ଓ ପରିବାର ଲୋକଙ୍କୁ ଏକ ଚିଠି ଦେଇଥିଲେ । ଯେଉଁଥିରେ ଶିକ୍ଷୟିତ୍ରୀ ନାୟକ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ଉଲ୍ଲେଖ କରିଥିଲେ ।



- ସମସ୍ତ ଛାତ୍ରୀଙ୍କୁ ଘରକୁ ପଠାଇଦେଲେ କର୍ତ୍ତୃପକ୍ଷ
- ଅନିର୍ଦ୍ଦିଷ୍ଟ ଲାଗି ହଷ୍ଟେଲ ବନ୍ଦ
- ଜିଲା ଶିକ୍ଷାଧିକାରୀ, ଉପଜିଲାପାଳ କଲେ ଅନୁଧ୍ୟାନ

### କ୍ଷତିପୂରଣ ଦାବି କଲା ଡମ୍ବ ସମାଜ

ବୈପାରୀଗୁଡା,୬ା୩ (ଡି,ଏନ.ଏ) ଆଦର୍ଶ ବିଦ୍ୟାଳୟ ଛାତ୍ରୀନିବାସରେ ଅନ୍ତେବାସୀଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଛାତ୍ରୀ ଜଣକ ଡମ୍ବ ସମ୍ପ୍ରଦାୟର । ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ତାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ବ୍ଲକ ଡମ୍ବ ସମାଜ ପକ୍ଷରୁ ଦାବି କରାଯାଇଛି । ଏ ନେଇ ସମାଜ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଉପ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ତହସିଲଦାର ମୃତା ଛାତ୍ରୀଙ୍କ ପରିବାର ଲୋକଙ୍କୁ ଭେଟି ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି । ତେବେ ଏହା ଯଥେଷ୍ଟ ନୁହେଁ ସମାଜ ପକ୍ଷରୁ ଅଭିଯୋଗ ହୋଇଛି । ସମାଜର ସଭାପତି ଲୋକନାଥ ଖରାଙ୍କ ନେତୃତ୍ୱରେ ଚନ୍ଦ୍ର ପାଙ୍ଗି, ଗୁପ୍ତ ଟାକ୍ରି,ସୀତାରାମ ବାରିକ, ବିଜୟ ପାଙ୍ଗି, ଭାଗି ମାଛ ଏବଂ ରମେଶ ଟାକ୍ରି ପ୍ରମୁଖ ତହସିଲଦାରଙ୍କୁ ଭେଟିଥିଲେ ।

# ଦାମନଯୋଡ଼ିରେ ଦୋଳଯାତ୍ରା ଆରମ୍ଭ

ଦାମନଯୋଡ଼ି,୬ା୩(ଡି.ଏନ୍.ଏ.)

ଦାମନଯୋଡ଼ିରେ ଦୋଳଯାତ୍ରାର ଶୁଭାରମ୍ଭ ହୋଇଛି । ଶ୍ରୀରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନରେ ବସାଇ ନଗର ପରିକ୍ରମା କରାଯାଉଛି । ନାଲ୍‌କୋ ଟାଉନ୍‌ସିପସ୍ଥିତ ଜଗନ୍ନାଥମନ୍ଦିରରୁ ବିମାନ ବାହାରି ସେକ୍ଟର-୨ ଓ ୩ ପରିକ୍ରମା କରାଯାଇଛି । ଶ୍ରଦ୍ଧାଳୁମାନେ ନିଜ ଘର ସମ୍ମୁଖରେ ଲିପାପୋଛା କରି ଧୂପଦୀପ, ଭୋଗ ଆଦି ଦେଇ ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ସହ ଅବିର ଅର୍ପଣ କରିଥିଲେ । ଶନିବାର ଠାକୁରଙ୍କୁ ମାଥାଲପୁଟ ଓ ଅଁଳାବାଡି କଲୋନୀ , ରବିବାର ଭେଜାପୁଟ ଓ ସେକ୍ଟର-୧ ପରିକ୍ରମା କରାଯାଇ ସେକ୍ଟର-୧ ପାର୍କଠାରେ ରାଜାଗ୍ନି ହେବ । ପୂଜକ ନୀଳାଚଳ ମହାପାତ୍ର, ପ୍ରଭାତ ରଥ ଓ ଅଜୟ କୁମାର ସାମନ୍ତରାୟ ପୂଜାନୀତି ସମ୍ପନ୍ନ କରିଥିଲେ । ନିକଟବର୍ତ୍ତୀ ଗଉଡଗୁଡା ଗ୍ରାମରୁ ସଦନ ଗୌଡ଼ଙ୍କ ନେତୃତ୍ୱରେ ଗୋପାଳ ଭାଇମାନେ ସପରିବାର ଠାକୁରଙ୍କୁ ନଗର ପରିକ୍ରମା କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ସୁକାନ୍ତ କୁମାର ଦାସ, ଡ. ଅଶୋକ କୁମାର ମହାନ୍ତି, ସଞ୍ଜୟ ସାହୁ, ଖଦାଳ ନାୟକ, ଲକ୍ଷ୍ମୀ ନାରାୟଣ ଦାଶ, ପ୍ରଶାନ୍ତ କୁମାର ସ୍ୱାଇଁ, ଶିଶିର ପରିଡା, ଖଗେଶ୍ୱର ପାତ୍ର, ଗଣେଶ ବାଡ଼ିତ୍ୟା, ମନୋଜ ସ୍ୱାଇଁ, ଈଶ୍ୱର ମାଳି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । ସେହିପରି ମାଥାଲପୁଟ ଶ୍ରୀରାଧାକୃଷ୍ଣ ମନ୍ଦିରରୁ ଠାକୁରଙ୍କୁ ବିମାନରେ ବସାଇ ନଗର ପରିକ୍ରମା କରାଯାଇଛି । ଶନିବାର ସନ୍ଧ୍ୟାରେ ଏହି ବିମାନ ସହ ଶ୍ରୀ ଜଗନ୍ନାଥ ମନ୍ଦିରର ବିମାନର ମିଳନ କାର୍ଯ୍ୟକ୍ରମ ରହିଛି । ପୂଜକ ପ୍ରତାପ ପଣ୍ଡା ଓ ପ୍ରଣୟ ଦେବର୍ତ୍ତା ପୂଜା କାର୍ଯ୍ୟ କରିଛନ୍ତି ।

# ଆନନ୍ଦ ଗୁଣମତି ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୈପାରୀଗୁଡା,୬ା୩(ଡି.ଏନ୍.ଏ)

ବୈପାରୀଗୁଡା ଡାଉନ୍ ଷ୍ଟ୍ରିଟ୍ ଭଲିବଲ୍ ଗ୍ରାଉଣ୍ଡଠାରେ ଗୁରୁବାର ସନ୍ଧ୍ୟାରେ ଆନନ୍ଦ ଗୁଣମତି ନାଇଟ୍ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ଭଲିବଲ୍ ଖେଳାଳି ଚକ୍ରପାଣ ପରିଚ୍ଛା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବିରଞ୍ଚି ନାରାୟଣ ପାତ୍ର ଓ ସୁରେନ୍ଦ୍ର ପ୍ରଧାନି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ମ୍ୟାଚ ପପୁ ୬ ଟିମ୍ ଏବଂ ହରିଗୁଡା ମଧ୍ୟରେ ହୋଇଥିଲା । ଏଥିରେ ପପୁ ୬ ଟିମ୍ ବିଜୟୀ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ ଗୁମ୍ମା ଓ ଚିକିମା ଟିମ୍ ମଧ୍ୟରେ ହୋଇଥିଲା । ଏଥିରେ ଗୁମ୍ମା ଟିମ୍ ବିଜୟୀ ହୋଇଥିଲା । ଏହି ମ୍ୟାଚକୁ ସରୋଜ ପାଇକ ପରିଚାଳନା କରିଥିଲେ । ଏହି ଟୁର୍ନାମେଣ୍ଟରେ ମୋଟ ୨୪ ଦଳ ଭାଗ ନେଇଛନ୍ତି । ଏହାର ଫାଇନାଲ ମ୍ୟାଚ ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବ ।



ମ୍ୟାଚର ଏକ ଦୃଶ୍ୟ ।

# ଜମି ଯୋଗାଇବା ନେଇ ଗ୍ରାମବାସୀ ତହସିଲଦାରଙ୍କ ଦ୍ୱାରସ୍ଥ

ଜୟପୁର, ୬ା୩ (ଡି.ଏନ.ଏ )

ଜମି ଯୋଗାଇ ଦେବା ନେଇ କୋରାପୁଟ ଜିଲା ଜୟପୁର ତହସିଲ ଟାଙ୍କୁଆ ମୌଜାର ମାହଲିଆପୁଟ ଗ୍ରାମବାସୀ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ, ଏଠାରେ ଅଧିକାଂଶ ଆଦିବାସୀ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ଭୂମିହୀନଙ୍କୁ ୫ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ଜମି ଯୋଗାଇ ଦିଆଯାଇଥିଲା । ଏଥିନେଇ ତହସିଲ ପକ୍ଷରୁ ଟିକସ ମଧ୍ୟ ଆଦାୟ କରାଯାଉଛି । କିନ୍ତୁ ନିର୍ଦ୍ଧାରିତ ପରିମାଣର ଜମି ବଦଳରେ ୨ରୁ ୩ ଡ଼ିସିମିଲ ଜମି ମିଳିଥିବାରୁ ବଡ ପରିବାର ଅସୁବିଧା ଭୋଗୁଛନ୍ତି । ତେଣୁ ସରକାରଙ୍କ ନିର୍ଦ୍ଧାରିତ ୪ରୁ ୫ ଡିସିମିଲ ଜମି ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି । ତହସିଲଦାରଙ୍କ କ୍ଷମତା ଅନୁଯାୟୀ ଘରବାରି ଜମି ଯୋଗାଇ ଦିଆଯାଇଛି । ଅଧିକ ଜମି ପାଇଁ ଉପଜିଲାପାଳଙ୍କ ନିକଟରେ ଆବେଦନ କରିବାକୁ ଦାୟିତ୍ୱରେ ରହିଥିବା ଅତିରିକ୍ତ ତହସିଲରଦାର ଅଶ୍ୱିନ ମହାପାତ୍ର ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ । ଏହି ସମୟରେ ବିଜେଡି ସଭାପତି ପ୍ରସନ୍ନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଦୁର୍ଯ୍ୟୋ ପରଜା, ହରି ପରଜା, ଶୁକ୍ରା ପରଜା, ସନିଆ ପରଜା, ମୀନା ପରଜା, ରମେଶ ନାୟକ, ସମରା ପରଜା, ରବି ପରଜା, ଗୋରା ପରଜା ପ୍ରମୁଖ ଉପସ୍ଥିତ ଥିଲେ ।



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶନିବାର, ମାର୍ଚ୍ଚ ୭/୨୦୨୦ Rayagada, Saturday, March. 7 / 2020

## ସଂକ୍ଷେପରେ

### ସିଦ୍ଧ ଦୋଳଯାତ୍ରା ଆରମ୍ଭ

ପାରଳାଖେମୁଣ୍ଡି, ୬।୩ (ସ୍ୱ.ପ୍ର.) :ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଦୋଳବନ୍ଧ ନିକଟରେ ସ୍ଥାନୀୟ ଦୋଳବନ୍ଧ ଉନ୍ନୟନ କମିଟି ପକ୍ଷରୁ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ଦୋଳଉତ୍ସବ ଆରମ୍ଭ ହୋଇଛି । ଏହି ଉତ୍ସବ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ୬ଦିନ ବ୍ୟାପୀ ଚାଲିବ । ପାରଳାଖେମୁଣ୍ଡିର ଏହି ପ୍ରସିଦ୍ଧ ଏବଂ ପୁରାତନ ଦୋଳଯାତ୍ରାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗଦେଉଥିବା ଦେଖିବାକୁ ମିଳିଛି। ଏହି ଉତ୍ସବ ଅବସରରେ ବିଭିନ୍ନ ଅସ୍ଥାୟୀ ଷ୍ଟଲମାନ ଖୋଲାଯାଇଛି । ଦୋଳପୂର୍ଣ୍ଣମୀ ଠାକୁରମାନଙ୍କ ମେଳଣ ଉତ୍ସବ ଏବଂ ଶେଷଦିନରେ ମଗାପୋଡି ହେବ ବୋଲି ସ୍ଥିର ହୋଇଛି । ପ୍ରତିସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେଉଛି । ଏହି ସମସ୍ତ କାର୍ଯ୍ୟକ୍ରମକୁ ଦୋଳ ଉତ୍ସବ କମିଟିର ବିନୋଦଚନ୍ଦ୍ର ଜେନା, ବିଚିତ୍ରାନନ୍ଦ ବେବର୍ତ୍ତା, ହରିମୋହନ ପଟ୍ଟନାୟକ, ଦେବେନ୍ଦ୍ର ମିଶ୍ର, ମଙ୍ଗଳା ପଟ୍ଟନାୟକ, ମନମୋହନ ରାଜଗୁରୁଙ୍କ ସମେତ ଅନ୍ୟମାନେ ପରିଚାଳନା କରୁଛନ୍ତି ।

### ଦୁର୍ଘଟଣାରେ ଜଣେ ମୃତ

ଜଗନ୍ନାଥପ୍ରସାଦ,୬।୩(ଡି.ଏନ.ଏ.):ରାଜ୍ୟ ରାଜପଥ ନଂ. ୨୧ରେ ଜଗନ୍ନାଥପ୍ରସାଦ ନିକଟ ଟିକିଲି ଛକରେ ଶୁକ୍ରବାର ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ତାମନାଡ଼ ଗ୍ରାମର ଭାସ୍କର ନାଇକ ନିଶୁଣୀ ସାଇକେଲରେ ଧରି ଟିକିଲି ଗ୍ରାମକୁ ଆସୁଥିବା ବେଳେ ବିପରୀତ ଦିଗରୁ ବାଇକ (ନଂ ଓଡ଼ି୩୨-୪୪୨୧)ରେ ଆସୁଥିବା ଯୁବକ ନିଶୁଣିରେ ବାଡ଼େଇ ହୋଇଥିଲେ। ଫଳରେ ବାଇକ୍ ଚାଳକ ଓ ସାଇକେଲ ଚାଳକ ଉଭୟ ରାସ୍ତା ଉପରେ ପଡ଼ିଯାଇଥିଲେ। ଦମକଳବାହିନୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବାଇକ୍ ଚାଳକଙ୍କୁ ମୃତ ଘୋଷଣା କରିଥିଲେ। ଏଏସ୍ଆଇ କିଶୋର ଚନ୍ଦ୍ର ବେହେରା ଦୁର୍ଘଟଣାସ୍ଥଳରେ ପହଞ୍ଚି ବାଇକ୍‌କୁ ଜବତ କରିଥିଲେ। ମେଡିକାଲରେ ମୃତଦେହକୁ ଜବତ କରି ଚିହ୍ନଟ ପାଇଁ ତଦନ୍ତ ଚଳାଇଛନ୍ତି।

### ବିଦ୍ୟୁତ୍ ଆଘାତରେ ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ

ବେଗୁନିଆପଡା,୬।୩(ଡି.ଏନ.ଏ.):କୋଦଳା ଥାନା କଞ୍ଚାଣା ପଞ୍ଚାୟତର ରାଣୀପଡ଼ା ଗ୍ରାମରେ ଶୁକ୍ରବାର ବିଦ୍ୟୁତ୍ ଆଘାତରେ ଉକ୍ତ ଗାଁର ଅଙ୍ଗନୱାଡି କର୍ମୀ ସଙ୍ଗୀତା ନାହାକଙ୍କ (୩୫) ମୃତ୍ୟୁ ଘଟିଛି। ସଙ୍ଗୀତା ନିଜ ୬ ମାସର ଛୁଆ ପାଇଁ ପାଣି ଗରମ କରିବାକୁ ରୋଷେଇ ଘରକୁ ଯିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ।

# ପୋଲ ନିର୍ମାଣରେ ଅନିୟମିତତା ଅଭିଯୋଗ

ପଡିଆ, ୬।୩ (ଡି.ଏନ.ଏ.)


ପୋଲ ନିର୍ମାଣ ପାଇଁ ପଡିରହିଥିବା ରଡ ନଷ୍ଟ ହେଉଛି ।

ମାଲକାନଗିରି ଜିଲା କାଲିମେଳା-ପଡିଆ ୩୨୬ ନମ୍ବର ଜାତୀୟ ରାଜପଥ ପଟେରୁ (୨)ର ହୋଇଥିବା ପୋଲ ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏଥିପାଇଁ ୧୨କୋଟି ୭୦ଲକ୍ଷ ବ୍ୟୟ ଅଟକଳ କରାଯାଇ ୧୩।୭।୧୮ରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଖବରରୁ ଜଣାପଡିଛି କାଲିମେଳାଠାରୁ ପଡିଆ ଏବଂ ଛତିଶଗଡ ରାଜ୍ୟକୁ ସଂଯୋଗ କରୁଥିବା ଜାତୀୟ ୩୨୬ ନମ୍ବର ରାଜପଥ ମଧ୍ୟ ଦେଇ ପ୍ରବାହିତ ହେଉଥିବା ପଟେରୁ ନଦୀ ଉପରେ ଥିବା ପୋଲଟି ଦୁର୍ବଳ ହୋଇଯାଇଥିଲା। ଗତ ୨୦୧୩ ଡିସେମ୍ବର ମାସରେ ମାଓବାଦୀମାନେ ପୋଲଟିକୁ ବିସ୍ଫୋରକ ଲଗାଇ ଉଡାଇ ଦେବାକୁ ପ୍ରୟାସ କରିଥିଲେ। ଏଥିରେ ପୋଲଟି ସମ୍ପୂର୍ଣ୍ଣ କ୍ଷତି ହୋଇ ନ ଥିଲେ ମଧ୍ୟ ଆଂଶିକ କ୍ଷତି ହୋଇଥିଲା। ଫଳରେ ପୋଲ ଆହୁରି ଦୁର୍ବଳ ହୋଇପଡିଥିଲା। ସରକାରଙ୍କ ପକ୍ଷରୁ ଅନୁଧ୍ୟାନ କରାଯାଇ ପୋଲ ମରାମତି କରାଯାଇ ସକ୍ଷମ କରାଯାଇଥିଲା। ପରେ ୩୨୬ ନମ୍ବର ଜାତୀୟ ରାଜପଥ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ରାସ୍ତା କାର୍ଯ୍ୟରେ ଅନିୟମିତତା ହୋଇଥିଲେ ମଧ୍ୟ ଏଥିପ୍ରତି କୌଣସି ଅଧିକାରୀ ଧ୍ୟାନ ଦେଇ ନ ଥିଲେ। ଫଳରେ କାଲିମେଳାଠାରୁ ପଡିଆ ପର୍ଯ୍ୟନ୍ତ ବହୁ ନିମ୍ନମାନର କାର୍ଯ୍ୟ ହୋଇଥିଲା। ଏବେ ୨୭କିମି ରାସ୍ତାରେ ଶତାଧିକ ଜାଗାରେ ଖାଲ ସୃଷ୍ଟି ହୋଇଗଲାଣି। ରାସ୍ତା କାର୍ଯ୍ୟ ଶେଷ ହେବା ପରେ ନୂଆ ପୋଲ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତତ୍କାଳୀନ ଏମପି ବଳଭଦ୍ର ମାଝି, ବିଧାୟକ ମାନସ ମାଡକାମୀଏହାର ଶିଳାନ୍ୟାସ କରିଥିଲେ। ପୋଲ ନିର୍ମାଣ କାର୍ଯ୍ୟ ଭୁବନେଶ୍ୱର ବିଜୁ କୁମାର ପରିଡା ନାମକ ଜଣେ ବ୍ୟକ୍ତିଙ୍କ କମ୍ପାନୀକୁ ଏକ କମ୍ପାନୀକୁ କାର୍ଯ୍ୟାଦେଶ ମିଳିଥିଲା । ପୋଲ କାର୍ଯ୍ୟ ଆରମ୍ଭ ୧୩।୭।୧୮ ହୋଇଥିବା ବେଳେ କାର୍ଯ୍ୟଶେଷ ୧୨।୭।୧୯ ଥିଲା। ତେବେ ସରକାରଙ୍କ ନିୟମ ଅନୁସାରେ କାର୍ଯ୍ୟ ଯାହା ଥିଲା ତାହା ପରିବର୍ତ୍ତନ କରାଯିବାରୁ ଏଥିରେ ବିଳମ୍ବ ଘଟିଥିବା ବିଜୟ କହିଛନ୍ତି । ପୋଲର କଲମ ନିମନ୍ତେ ବନ୍ଧାଯାଇଥିବା ଲୁହାଛଡର ଜାଲିଗୁଡିକ ଖରାବର୍ଷା ଖାଇ କଳଙ୍କି ଲାଗି ଏକ ପ୍ରକାର ନଷ୍ଟ ହୋଇଗଲାଣି। ଅଥଚ ଏହି କଳଙ୍କି ଜାଲିକୁ ବ୍ୟବହାର କରାଯାଇ ପୋଲ ନିର୍ମାଣ କାର୍ଯ୍ୟ କରାଯାଉଛି । ପିଡବ୍ଲ୍ୟୁଡିର କୌଣସି ଇଞ୍ଜିନିୟର କିମ୍ବା ଅଧିକାରୀ ଆସି ହେଉଥିବା କାର୍ଯ୍ୟର ତଦାରଖ କରୁନାହାନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜିଲା ବାର୍ ସଂଘ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ

ପାରଳାଖେମୁଣ୍ଡି, ୬।୩ (ସ୍ୱ.ପ୍ର.)

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ କୋର୍ଟ ପରିସରରେ ଥିବା ଜିଲା ବାର ସଂଘ କାର୍ଯ୍ୟାଳୟରେ ଚଳିତବର୍ଷର ଜିଲା ବାର ସଂଘ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ପକ୍ରିୟା ଅନୁଷ୍ଠିତ ହୋଇଛି । ଏହି ନିର୍ବାଚନପାଇଁ ସଭାପତି ପଦ ପାଇଁ ଆଇନଜୀବୀ ରାମନାଥ ମିଶ୍ର ଗୋଟିଏ ସେଟ, କୃଷ୍ଣ ମୋହନ ପଟ୍ଟନାୟକ ଗୋଟିଏ ସେଟ, ପାଣ୍ଡଲା ପ୍ରସାଦର ରାଓ ୨ଟି ସେଟ, ସ୍ୱରୂପ କୁମାର ପାଳ ୨ଟି ସେଟ, ପି.ନାଗେଶ୍ୱର ରାଓ ଗୋଟିଏ ସେଟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଉପସଭାପତି ପାଇଁ ରାମକୃଷ୍ଣ ନାୟକ ଏବଂ ବିବେକାନନ୍ଦ ଚୌଧୁରୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏମ୍.ପୃଥିବୀରାଜ ଏବଂ କୃଷ୍ଣ ମୋହନ ପଟ୍ଟନାୟକ ସମ୍ପାଦକ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡିଛି । ଯୁଗ୍ମ ସମ୍ପାଦକ ପାଇଁ ନୀଳମାଧବ ଅଧିକାରୀ, ରାମପ୍ରସାଦ ନାୟକ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ କୋଷାଧ୍ୟକ୍ଷ ପାଇଁ ଶଶାଙ୍କ ଶେଖର ସାବତ ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡିଛି । ସେହିପରି କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଜିତେନ୍ଦ୍ର ପଟ୍ଟନାୟକ, ଗୌରୀଦେବୀ, ସତ୍ୟ ନାରାୟଣ ଦାସ, ଆର୍.ବାବୁରାଓ, କୈଳାସ ଚନ୍ଦ୍ର ଗୌଡ, ଶଶାଙ୍କ ଶେଖର ସାବତ, ପି.ବିଶ୍ୱନାଥ ପ୍ରମୁଖ ଆଶାବାଦୀ ଥିବା ଜଣାପଡିଛି ।


ଆଇନଜୀବୀମାନେ ନାମାଙ୍କନପତ୍ର ଦାଖଲ କରୁଛନ୍ତି ।

# ମହିଳା,ସ୍ୱୟଂସହାୟକ ଗୋଷ୍ଠୀ ପାଇଁ ଋଣ ପ୍ରଦାନ ମେଳା



ଋଣପ୍ରଦାନ ମେଳାରେ ଉପସ୍ଥିତ ଅଧିକାରୀମାନେ ।

ପାରଳାଖେମୁଣ୍ଡି ୬।୩ (ସ୍ୱ.ପ୍ର.)

ଗଜପତି ଜିଲାସ୍ତରୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଇଣ୍ଡିଆନ ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ କରାଯାଇଛି। ଏନେଇ ଏକ ଋଣମେଳା ହୋଇଥିଲା। ଅତିରିକ୍ତ ଜିଲାପାଳ ଜ୍ଞାନ ରଞ୍ଜନ ଭଞ୍ଜଦେଓ ଜିଲା ପରିଷଦ ସଭାଗୃହରେ ଏହାକୁ ଉଦ୍‌ଘାଟନ କରିଥିଲେ । ଜିଲାର ମିଶନଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ମୋଟ ୧କୋଟି ୬୫ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଇଣ୍ଡିଆନ ବ୍ୟାଙ୍କର ଜୋନାଲ ମ୍ୟାନେଜର ଭି. ଶଙ୍କର ରାଜୁ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ରଶ୍ମି ରଞ୍ଜନ ସେଠୀ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଦିବାକର ପାତ୍ର ଉପସ୍ଥିତ ଥିଲେ। ମିଶନ ଶକ୍ତିର ବିଭିନ୍ନ ଯୋଜନା ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ । ଗଜପତି ଜିଲାର ଲିଡବ୍ୟାଙ୍କ ମ୍ୟାନେଜର କିଶୋର ଚନ୍ଦ୍ର ନାୟକ ମହିଳାମାନେ ଯେଉଁ ସହାୟତା ନେଉଛନ୍ତି ତାହାର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଯଦି ସେମାନେ ୧୧ ମାସ ଭିତରେ ଋଣ ପରିଶୋଧ କରନ୍ତି ତେବେ ଋଣ ସୁଧ ଶୁନ୍ୟ ହେବ ବୋଲି କହିଥିଲେ । ଗଜପତି ଜିଲାର ପ୍ରାୟ ୮୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହି ଋଣ ପ୍ରଦାନ କରାଯାଇଛି। ଇଣ୍ଡିଆନ ବ୍ୟାଙ୍କର ମ୍ୟାନେଜର ଏମ୍. ସହାବୁଦ୍ଦିନ ଧନ୍ୟବାଦ ଦେଇଥିଲେ । ମନସ୍ମିତା ପାତ୍ର ପରିଚାଳନା କରିଥିଲେ ।

# କରୋନା ଭାଇରସକୁ ନେଇ ଜିଲା ପ୍ରଶାସନର ସତର୍କତା

ପାରଳାଖେମୁଣ୍ଡି, ୬।୩ (ସ୍ୱ.ପ୍ର.)

ଗଜପତି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଦେଶବ୍ୟାପୀ ଆଲୋଡନ ସୃଷ୍ଟି କରିଥିବା କରୋନା ଭାଇରସକୁ ନେଇ ବିଭିନ୍ନ ସତର୍କତା ଅବଲମ୍ବନ କରାଯିବା ସହ ଲୋକଙ୍କୁ ଏ ସମ୍ପର୍କରେ ସଚେତନ କରିବା ପାଇଁ ଉଦ୍ୟେମ କରାଯାଉଛି । ଏଥିପାଇଁ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପ୍ରତ୍ୟେକ ବୈଠକ ସ୍ଥଳରେ ସଚେତନତା ବାର୍ତ୍ତା ପ୍ରଚାର କରାଯାଉଛି। ଜିଲା ବାହାରେ କାର୍ଯ୍ୟରତଥିବା ଲୋକଙ୍କୁ କିପରି ସଚେତନ କରାଯିବ ସେ ସମ୍ପର୍କରେ ଅବଗତ କରାଯାଉଛି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଗୁନୁରାଣୀ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଥିଲେ କରୋନା ଭାଇରସ ସମ୍ପର୍କିତ କୌଣସି ସ୍ୱତନ୍ତ୍ର ବୈଠକ କରାଯାଇ ନ ଥିଲେ ମଧ୍ୟ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଅନୁଷ୍ଠିତ ହେଉଥିବା ସମସ୍ତ କାର୍ଯ୍ୟକ୍ରମରେ ଏ ସମ୍ପର୍କିତ ସଚେତନତା ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ ଜାରି ରହିଛି । ବର୍ତ୍ତମାନ ସୁଦ୍ଧା ଜିଲାରେ କରୋନା ଆତଙ୍କ ଦେଖାଯାଇନାହିଁ। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୀକ୍ଷଣ ନଜର ରଖାଯାଇଛି ବୋଲି ପଟ୍ଟନାୟକ କହିଛନ୍ତି।

# ଜୀବନବିନ୍ଦୁ ରକ୍ତଦାନ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୬।୩ (ସ୍ୱ.ପ୍ର.)

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ରୋଟାରି ହଲ ପରିସରରେ ଜିଲା ବିଜେଡି ପକ୍ଷରୁ ବିଜୁବାବୁଙ୍କ ଜୟନ୍ତୀ ଅବସରରେ ଜୀବନବିନ୍ଦୁ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ଯୋଗଦେଇ ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ବିଷୟରେ ଅବଗତ କରାଇ ଅଧିକରୁ ଅଧିକ ଜନସାଧାରଣ ଏଥିରେ ସାମିଲ ହେବାପାଇଁ ଆହ୍ୱାନ ଦେଇଥିଲେ । ମୋଟ ୬୦ୟୁନିଟ ରକ୍ତ ସଂଗ୍ରହ ହୋଇଥିବାବେଳେ ଏହାକୁ ଜିଲା ରେଡକ୍ରସର ଅଧିକାରୀ ଓ କର୍ମଚାରୀମାନେ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ପ୍ରଦୀପ କୁମାର ନାୟକ, ରାଜକୁମାରୀ କଲ୍ୟାଣୀଦେବୀ, ନଗରସଭାପତି ସୂର୍ଯ୍ୟ ନାରାୟଣ ରାଜଗୁରୁ, ରାଜେନ୍ଦ୍ର କୁମାର ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ରକ୍ତଦାନ କରୁଥିବା ବ୍ୟକ୍ତିମାନେ ।

### ଜାଲ୍ ସାର୍ଟିଫିକେଟ୍‌ଧାରୀ ୨ ଶିକ୍ଷକ ଗିରଫ

ଆସିକା,୬।୩ (ଡି.ଏନ୍.ଏ.): ଜାଲ୍ ସାର୍ଟିଫିକେଟ୍ ଦାଖଲ କରି ଶିକ୍ଷକତା କରୁଥିବା ଅଭିଯୋଗରେ ପୋଲିସ ଶୁକ୍ରବାର ୨ ଶିକ୍ଷକଙ୍କୁ ଗିରଫ କରିଛି। ସେମାନେ ହେଲେ ଆସିକା ଥାନା ମଣ୍ଟାପଡା ହାଇସ୍କୁଲର ସହକାରୀ ଶିକ୍ଷକ ଓକିଲ ବିଷୋୟୀ ଓ କେନ୍ଦୁପଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଶୋକ ସାହୁ। ସେମାନଙ୍କ ନିକଟରୁ ପୋଲିସ ଜାଲ୍ ସାର୍ଟିଫିକେଟ୍ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।











Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଚାଓମିନ୍ ଦୋକାନୀ ମୃତ

**ରାୟଗଡ଼ା ଅଫିସ, ୬।୩**ରାୟଗଡା ସହର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟରାସ୍ତାରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ଦୁର୍ଘଟଣାରେ ଆହତ ଜଣେ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଜ୍ୟୋତିରାଜ ସାହୁ(୫୩)। ଜିଲାପାଳଙ୍କ ଅଫିସ ସମ୍ମୁଖ ମୁଖ୍ୟରାସ୍ତାରେ ଜ୍ୟୋତିଙ୍କର ଏକ ଚାଓମିନ୍ ଦୋକାନ ରହିଛି।ସୂଚନା ଅନୁଯାୟୀ, ଆନ୍ଧ୍ର ପ୍ରଦେଶରୁ ଏକ କୋଇଲା ବୋଝେଇ ଟ୍ରକ (ସିଜି-୦୪ଏମ୍ଏଫ୍-୨୧୪୯ ) ରାୟଗଡ଼ା ଦେଇ ଛତିଶଗଡ଼ ଅଭିମୁଖେ ଯାଉଥିଲା। ଏହି ସମୟରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ଜ୍ୟୋତିଙ୍କୁ ଟ୍ରକଟି ଧକ୍କା ଦେଇଥିଲା। ଖବରପାଇ ଟାଉନ ଥାନା ପୋଲିସ ଜ୍ୟୋତିଙ୍କୁ ଉଦ୍ଧାର କରି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜ୍ୟୋତିଙ୍କୁ ବ୍ରହ୍ମପୁର ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଟ୍ରକ ଡ୍ରାଇଭର ସୁନୀଲ ଯାଦବଙ୍କୁ ଅଟକ ରଖାଯାଇ ପଚରାଉଚରା ଚାଲିଛି। ଏ ନେଇ ପୋଲିସ ୭୦/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଦାୟିତ୍ୱ ନେଲେ ନୂତନ ଜିଲା ପରିଷଦ ଅଧ୍ୟକ୍ଷ

**ରାୟଗଡ଼ା ଅଫିସ, ୬।୩**-ନବ ନିର୍ବାଚିତ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ଶୁକ୍ରବାର ବିଧି ବଦ୍ଧଭାବେ ଦାୟିତ୍ୱ ନେଇଚନ୍ତି। ଏହି ଅବସରରେ ଜିଲା ଗ୍ରାମ୍ୟ ଉନ୍ନୟନ ପରିଷଦରେଏକ କାର୍ଯ୍ୟକ୍ରମ କରାଯାଇଛି।ଏଥିରେ ରାଜ୍ୟସଭା ସଦସ୍ୟ ଏନ୍.ଭାସ୍କର ରାଓ, ଆଦିବାସୀ ତଥା ଜନଜାତି ସଂଖ୍ୟାଲଘୁ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲା ବିଜେଡ଼ି ସଭାପତି ସୁଧୀର ଦାସ, ନିରଞ୍ଜନ ବକ୍ସିପାତ୍ରଙ୍କ ସହ ଶତାଧୀକ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ।

### ଉଦ୍‌ଘାଟନୀ ମ୍ୟାଚରେ ରାୟପୁର ବିଜୟୀ

**ଆନ୍ତଃ ରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ରାୟଗଡ଼ା ଅଫିସ, ୬।୩(ଡି.ଏନ୍.ଏ.) ବିଜୁ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ଆନ୍ତଃ ରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଟୁର୍ଣ୍ଣାମେଣ୍ଟକୁ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧିର ଦାଶ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ରାୟପୁର ଓ ବିହାର ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି ରାୟପୁର ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୨୦ ଓଭରବିଶିଷ୍ଟ ମ୍ୟାଚରେ ରାୟପୁର ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୫୫ ରନ କରିଥିଲା। ୧୫୬ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ବିହାର ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୦୫ ରନ କରିଥିଲା। ରାୟପୁରର ବୋଲର ସନ୍ଦୀପ ଶର୍ମା ୩ ଓଭରରେ ୨୨ ରନ ଦେଇ ୩ ଉଇକେଟ ନେଇଥିଲେ। ଆୟୁଷ ଶର୍ମା ୫୫ ରନ କରିବା ସହ ଗୋଟିଏ ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଅସିତ ପଟ୍ଟନାୟକ, ମହେଶ ମୁର୍ତ୍ତି ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଉମାଶଙ୍କର ପଟ୍ଟନାୟକ ସ୍କୋରର ଓ ଅର୍ଜୁନ ଶର୍ମା ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ସ୍ମୃତି କମିଟିର ଅମିୟ ସ୍ୱାଇଁ, ବିନାୟକ କର, ଅବିନାଶ ବିଷୋୟୀ, ଦେବାଶିଷ ଖାଡଙ୍ଗାଙ୍କ ସମେତ ଅନ୍ୟ ସଦସ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ଖେଳ ଦେଖିବାକୁ ଶତାଧିକ ଦର୍ଶକଙ୍କ ଭିଡ଼ ଜମିଥିଲା।

# 'ଜରିମାନା ନୁହେଁ, ଲୋକଙ୍କ ସୁରକ୍ଷା ଆମ ଲକ୍ଷ୍ୟ'

**ରାୟଗଡ଼ା ଅଫିସ, ୬।୩**



ସର୍କିଟ ହାଉସ୍‌ରେ ମନ୍ତ୍ରୀଙ୍କ ସହ ଲୋକ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ରାଜ୍ୟ ପରିବହନ ମନ୍ତ୍ରୀଙ୍କ ରାୟଗଡ଼ା ଗସ୍ତ**

- ଜିଲାରେ ନୂତନ ମୋଟର ଯାନ ଆଇନ କାର୍ଯ୍ୟକାରୀ ସମ୍ପର୍କରେ ସମୀକ୍ଷା
- ମଦ୍ୟପ ଚାଳକଙ୍କ ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ଲୋକଙ୍କୁ ଉତ୍ତମ ସେବା ଯୋଗାଇଦେବା ଉପରେ ଗୁରୁତ୍ୱ

ରାଜ୍ୟ ପରିବହନ, ବାଣିଜ୍ୟ ଏବଂ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା ଶୁକ୍ରବାର ଦିନିକିଆ ରାୟଗଡ଼ା ଗସ୍ତରେ ଆସି ସ୍ଥାନୀୟ ସର୍କିଟ ହାଉସରେ ଏକ ସମୀକ୍ଷା ବୈଠକ କରିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ନୂତନ ମୋଟରଯାନ ଆଇନ କିଭଳି କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ ମନ୍ତ୍ରୀ ପଚାରି ବୁଝିଥିଲେ। ନୂତନ ମୋଟର ଯାନ ଆଇନ ଲାଗୁ ହେବା ପରେ ରାଜ୍ୟରେ ଦୁର୍ଘଟଣା ହାର କମିଛି। ଏଥିସହ ଜରିମାନା ଆଦାୟ ନୁହେଁ ଲୋକଙ୍କ ସୁରକ୍ଷା ଆମ ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଛନ୍ତି।

ନୂତନ ମୋଟରଯାନ ଆଇନ ଲାଗୁ ହେବା ପରେ ଜିଲାରେ କେତୋଟି ଏଲ୍ଏଲ୍ ଓ ଡିଏଲ୍ ଇସ୍ୟୁ ହୋଇଛି ସେ ସମ୍ପର୍କରେ ମନ୍ତ୍ରୀ ପଚାରି ବୁଝିଥିଲେ। ଜିଲାପାଇଁ ୯ଟି ବିଜୁ ଗାଁ ଗାଡ଼ି ମଞ୍ଜୁର ହୋଇଥିବା ବେଳେ ୬ଟି ଗାଡ଼ି ମିଳିଛି ବୋଲି ଖବରଦାତାମାନେ ମନ୍ତ୍ରୀଙ୍କୁ ଜଣାଇଥିଲେ। ଡିଟିଏମ୍‌ଙ୍କୁ ଏ ନେଇ ତଥ୍ୟ ମଗାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହ କେଉଁ ରୋଡ୍ ପାଇଁ ଅନୁମୋଦନ ମିଳିଛି ଓ କେଉଁ ରୋଡ୍‌ରେ ଗାଡି ଗଡୁଛି ସେ ନେଇ ମଧ୍ୟ ତଥ୍ୟ ମଗାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ନୂତନ ମୋଟର ଯାନ ଆଇନ ସମ୍ପର୍କରେ ଅବଗତ କରାଯାଇଛି। ବିଭିନ୍ନ କ୍ୟାମ୍ପ କରାଯାଇ ଲୋକଙ୍କୁ ଲାଇସେନ୍ସ ଦିଆଯାଇଛି ବୋଲି ଉପସ୍ଥିତ ଅଧିକାରୀମାନେ ମନ୍ତ୍ରୀଙ୍କୁ ଜଣାଇଥିଲେ। ଲୋକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ରାୟଗଡ଼ା ଆଞ୍ଚଳିକ ପରିବହନ ବିଭାଗର ରାଜସ୍ୱ ଆଦାୟ ୩୦ କୋଟି ନିର୍ଦ୍ଧାରଣ କରାଯାଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ୨୨କୋଟି ଆଦାୟ ହୋଇଥିବାବେଳେ ଚଳିତ ମାସ ସୁଦ୍ଧା ଲକ୍ଷ୍ୟ ପୂରଣ କରିବାକୁ ମନ୍ତ୍ରୀ କହିଛନ୍ତି। ମଦ୍ୟପାନ କରି ଗାଡି ଚଳାଉଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ଜିଲାପାଳ ପ୍ରମାଦ କୁମାର ବେହେରା, ଅନୁସୂଚିତ ଜାତି, ଜନଜାତି ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଜିଲାପାଳ ପ୍ରମୋଦ କୁମାର ବେହେରା, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ପିଡ଼ି ଅମ୍ରିତ ଋତୁରାଜ, ଏସ୍‌ପି ସର୍ବଣା ବିବେକ ଏମ୍, ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲ ବିହାରୀ ହିମିରିକା, ଆର୍‌ଟିଓ ଦିଲୀପ କୁମାର ଦଳେଇ, ଏମ୍‌ଭିଆଇ ଶିବଶଙ୍କର ଚୌଧୁରୀଙ୍କ ସହ ବିଭିନ୍ନ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଓକିଲ ସଂଘ ନିର୍ବାଚନ ପାଇଁ ସରିଲା ପ୍ରାର୍ଥିପତ୍ର ଦାଖଲ

**ଗୁଣପୁର,୬।୩(ଡି.ଏନ୍.ଏ)**

ରାୟଗଡା ଜିଲା ଗୁଣପୁରରେ ଓକିଲ ସଂଘ ନିର୍ବାଚନ ପାଇଁ ଦୁଇ ଦିନ ଧରି ଚାଲିଥିବା ନାମଙ୍କନ ଦାଖଲ ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଛି। ସଭାପତି ପାଇଁ ରାଜେନ୍ଦ୍ର ପ୍ରସାଦ ପାଢୀ, ବ୍ରହ୍ମାନନ୍ଦ ପଟ୍ଟନାୟକ, ଫଣୀ ଭୂଷଣ ପଟ୍ଟନାୟକ ଏବଂ ଗଦାଧର ପଣ୍ଡା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିଭଳି ସମ୍ପାଦକ ପଦ ପାଇଁ ପଦବୀ ପାଇଁ ରମେଶ ଚନ୍ଦ୍ର ଲିମା, ଗୋବିନ୍ଦ ସାହୁ, ବିଷ୍ଣୁ ପାଢୀ ଏବଂ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶନିବାର ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ଯାଞ୍ଚ ପରେ ପ୍ରାର୍ଥୀ ତାଲିକା ୧୨ ତାରିଖରେ ପ୍ରକାଶ ପାଇବ। ପ୍ରାର୍ଥୀମାନେ ନିଜ ନମାଙ୍କନ ପତ୍ର ୧୩ ତାରିଖ ୧୧ଟାରୁ ଅପରାହ୍ଣ ୪ଟା ମଧ୍ୟରେ ପ୍ରତ୍ୟାହାର କରିପାରିବେ। ଚୂଡାନ୍ତ ପ୍ରାର୍ଥୀ ତାଲିକା ୧୪ ତାରିଖରେ ପ୍ରକାଶ ପାଇବ। ୨୮ ତାରିଖରେ ଭୋଟ ହେବ। ଉକ୍ତ ଦିନ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ନିର୍ବାଚନ ଅଧିକାରୀ ଭାବେ ମନୋଜ ରତ୍ନାଲୁ କାର୍ଯ୍ୟ ପରିଚାଳନା କରୁଛନ୍ତି। ସୂଚନା ଅନୁଯାୟୀ ସାରା ରାଜ୍ୟରେ ଗୋଟିଏ ଦିନରେ ନିର୍ବାଚନ କରିବାକୁ ରାଜ୍ୟ ବାର୍ କାଉନସିଲ ନିଷ୍ପତ୍ତି ନେଇଛି। ଏହିକ୍ରମରେ ନିର୍ବାଚନ ପ୍ରକ୍ରିୟା ଚାଲିଛି। ଗତ ବର୍ଷ ଫଣୀ ଭୂଷଣ ପଟ୍ଟନାୟକ ସର୍ବ ସମ୍ମତି କ୍ରମେ ସଭାପତି ଭାବେ ମନୋନିତ ହୋଇଥିବାବେଳେ ସଂପାଦକ ପାଇଁ ରମେଶଲିମା ଏବଂ ବିଶ୍ୱନାଥ ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ବିଶ୍ୱନାଥ ସାହୁ ବିଜୟୀ ହୋଇଥିଲେ।

# ମାଷ୍ଟର ସେଫ୍ ଅବିନାଶଙ୍କୁ ସମ୍ବର୍ଦ୍ଧନା

**ଆସିକା,୬।୩ (ଡି.ଏନ୍.ଏ.)–**

ଭାରତର ସର୍ବବୃହତ୍ କୁକିଂ ରିୟାଲିଟି ଶୋ ମାଷ୍ଟର୍ ସେଫ୍ ଇଣ୍ଡିଆରେ ମାଷ୍ଟର୍ ସେଫ୍ ଟ୍ରଫି ହାସଲ କରିଥିବା ଅବିନାଶ ନାୟକଙ୍କୁ ଶୁକ୍ରବାର ଆସିକାରେ ଉତ୍ସବିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦିନ ପ୍ରାୟ ୧୧ଟା ବେଳେ ଅବିନାଶ ଭୁବନେଶ୍ୱରରୁ ଆସି ଆସିକା ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ତାଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହାପରେ ଅବିନାଶଙ୍କୁ ଆସିକାସ୍ଥିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଓ ସେ ଅଧ୍ୟୟନ କରୁଥିବା କାଳଷଣ୍ଢପୁର ଆର୍ଯ୍ୟନ ପବ୍ଲିକ୍ ସ୍କୁଲ୍‌ରେ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଆସିକା ସହର ଉପକଣ୍ଠ କାଳଷଣ୍ଢପୁର ଗ୍ରାମରେ ଆଦିକନ୍ଦ ନାୟକ ଓ ବାସନ୍ତୀ ନାୟକଙ୍କ ପୁଅ ଅବିନାଶ ପେଶାରେ ଜଣେ ଇଞ୍ଜିନିୟର୍।

ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା




# ରାଜ୍ୟର ପ୍ରଥମ କିଡ୍ ଭିଜନ ଆଲବମ୍

**ଭଞ୍ଜନଗରର ସାନ୍‌ଭି, ଆରିୟାନଙ୍କ କମାଲ**

**ଭଞ୍ଜନଗର,୬।୩(ଡି.ଏନ.ଏ.)**

ଭଞ୍ଜନଗର ଏକେ ପ୍ରଡକ୍ସନ ପକ୍ଷରୁ ନିର୍ମାଣ କରାଯାଇଥିବା କିଡ୍ ଭିଜନର ପ୍ରଥମ ଆଲବମ୍ ଗଜଲ ଗଜଲର ଟିଜର ଗୁରୁବାର ରିଲିଜ୍ ହୋଇଛି। ସୋସିଆଲ ମିଡିଆରେ ଏହା ଦର୍ଶକଙ୍କ ବେଶ୍ ପସନ୍ଦ ହୋଇଥିବା ଜଣାପଡିଛି। ଶିଶୁ କଳାକାର ସାନ୍‌ଭି ଓ ଆରିୟାନଙ୍କ ଅଭିନୟ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଛି। ଭୁବନେଶ୍ୱର, କୋରାପୁଟ, ଖସଡ଼ା, ଛତ୍ରପୁର, ଜିରାଙ୍ଗ ଓ ଗୋପାଳପୁରର ବିଭିନ୍ନ ଦର୍ଶନୀୟ ସ୍ଥାନରେ ଆଲବମ୍‌ର ସୁଟିଂ ହୋଇଛି। ଅଭିନେତା ଆଶିଷ କୁମାର ଆଲବମର ଚିତ୍ରନାଟ୍ୟ ନିର୍ଦ୍ଦେଶନା ଦେଇଥିବାବେଳେ କ୍ୟାମେରାମ୍ୟାନ୍ ନିକେଶ, ରିଫନ୍ ସହଯୋଗ କରିଛନ୍ତି। ଶୁକ୍ରବାର ଆଲବମ୍‌ଟି ସମ୍ପୂର୍ଣ୍ଣ ରିଲିଜ୍ ହେବ। ଅଭିନେତା ଆଶିଷ ଏଠାରେ କହିଛନ୍ତି ଯେ, ଶିଶୁ କଳାକାରଙ୍କୁ ନେଇ ଏହା ରାଜ୍ୟର ପ୍ରଥମ ଆଲବମ୍। ଆଗାମୀ ଦିନରେ ଏଭଳି ଆହୁରି ଆଲବମ୍ ଓ ଡକ୍ୟୁମେଣ୍ଟେରୀ ଫିଲ୍ମ କରିବାକୁ ଯୋଜନା ଅଛି। ଉକ୍ତ ଦୁଇ ଶିଶୁ କଳାକାର ବାଉଁଶଲୁଣ୍ଡିସ୍ଥିତ ମୁଭ୍ ଦି ୱାର୍ଲ୍ଡ ଡ୍ୟାନ୍ସ ଏକାଡେମୀରେ ନୃତ୍ୟ ଶିକ୍ଷା କରୁଛନ୍ତି।

## ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

**ରାୟଗଡ଼ା ଅଫିସ, ୬।୩**

ରାୟଗଡ଼ା ଜିଲା ଜେକେପୁର ନିକଟ ନାଗାବଳୀ ବ୍ରିଜ୍ ଉପରେ ଶୁକ୍ରବାର ଅପରାହ୍ନରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଚାନ୍ଦିଲି ଥାନା ଅଧୀନ କୋଲନରା ବ୍ଲକ ଖେଦାପଡ଼ା ଗ୍ରାମର କୁନା ପାଣିଗ୍ରାହୀଙ୍କ ପୁଅ ଆଶୁତୋଷ(୧୮)। ସେ ରାୟଗଡ଼ା ସହରସ୍ଥିତ ଆଇଏସିଆର କଲେଜର ଛାତ୍ର। ସୂଚନା ଅନୁଯାୟୀ, ଆଶୁତୋଷ ଶୁକ୍ରବାର କଲେଜରୁ ବାଇକ୍ (ଓଡି-୦୮ ଏମ୍- ୧୫୦୩) ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବୁଲେଟ (ଓଡି-୧୮ବି-୮୬୬୮) ସହ ନାଗାବଳୀ ବ୍ରିଜ୍ ଉପରେ ମୁହାଁମୁହିଁ ଧକ୍କା ହାଇଥିଲା। ଆହତ ଅବସ୍ଥାରେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବ। ଏନେଇ ଚାନ୍ଦିଲି ଥାନାରେ ୫୫/୨୦ରେ ଏକ ମାମଲା ରୁଜୁ ହୋଇଛି।

# ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା ବିରୋଧରେ ଯୁବ ବିକାଶ ପରିଷଦର ବିକ୍ଷୋଭ



ସଂଘ ସଦସ୍ୟମାନେ ସିଡିଏମ୍‌ଓଙ୍କୁ ଦାବି ସମ୍ପର୍କରେ ଜଣାଉଛନ୍ତି।

**ରାୟଗଡ଼ା ଅଫିସ, ୬।୩**

- ଡାକ୍ତର ନିଯୁକ୍ତି, ମାତୃ ଓ ଶିଶୁ ସୁରକ୍ଷା ଦାବି
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଡିଏମ୍‌ଓଙ୍କୁ ସ୍ମାରକପତ୍ର

ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ଅବ୍ୟବସ୍ଥା ବିରୋଧରେ ରାୟଗଡ଼ା ଯୁବ ବିକାଶ ପରିଷଦ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଛି। ଅବ୍ୟବସ୍ଥାକୁ ସୁଧାରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକଙ୍କୁ ଦିଆଯାଇଛି। ଗର୍ଭବତୀ, ପ୍ରସୂତି ଓ ଶିଶୁମାନଙ୍କ ଉପଯୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଜିଲାରେ ହେଉ ନ ଥିବା ସଂଘ ପକ୍ଷରୁ କୁହାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲ୍‌ଟ୍ରାସାଉଣ୍ଡ ମେଶିନ ଥାଇ ମଧ୍ୟ ତାହା କାମରେ ଲାଗୁନି, ବାଧହୋଇ ଲୋକେ ବେସରକାରୀ କ୍ଲିନିକ ଉପରେ ନିର୍ଭର କରୁଛନ୍ତି। ଏଥିପାଇଁ ସେମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଅସ୍ଥିଶଲ୍ୟ ବିଭାଗରେ ବିଶେଷଜ୍ଞ ପଦବୀ ଖାଲିପଡିଛି। ଫଳରେ ଜିଲାର ଅସ୍ଥିଶଲ୍ୟ ରୋଗୀ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ମାନସିକ ରୋଗ ବିଭାଗରେ ମଧ୍ୟ ଡାକ୍ତର ନାହାନ୍ତି। ଆପତକାଳୀନ ସେବା ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବା ଅଭିଯୋଗ ହୋଇଛି। ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ସତ୍ତ୍ୱେ ଡାକ୍ତରଙ୍କୁ ଡେପୁଟେଶନରେ ଅନ୍ୟତ୍ର ପଠାଯାଉଛି। ତୁରନ୍ତ ସେମାନଙ୍କୁ ସ୍ୱାସ୍ଥ୍ୟକନ୍ଦ୍ରରେ ପୁନଃ ନିଯୁକ୍ତି ଦେବାକୁ ସଂଘ ଦାବି କରିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଯୁବ ବିକାଶ ପରିଷଦ ସଭାପତି ଶିବାଜୀ ଦାସଙ୍କ ସହ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

UTKAL UNIVERSITY
VANI VIHAR, BHUBANESWAR - 751004, ODISHA, INDIA
NAAC ACCREDIATED A+
ADVERTISEMENT
No Estt-II / HC-1183 / 9600 / 2020 Dated: 14.2.2020
Applications along with Curriculum Vitae are invited for engagement of two Retired Doctors purely on contractual basis with consolidated remuneration of ₹ 55,000/- (Rupees fifty five thousand) only per month to work in the University Health Centre.
AGE LIMIT: Below 70 years.
The date of personal interview shall be intimated later on.
Sd/-
REGISTRAR

# ୮ ଘଣ୍ଟା ଅଘୋଷିତ ବିଦ୍ୟୁତ୍ କାଟ

**ରାୟଗଡ଼ା ଅଫିସ,୬।୩**

- ପରୀକ୍ଷା ସମୟରେ ଛାତ୍ରୀଛାତ୍ରଙ୍କ ପାଠପଢା ବ୍ୟାଘାତ
- ଗୃହିଣୀ, ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ
- ଆଗାମୀ ଦିନରେ ମରାମତି ପୂର୍ବରୁ ସୂଚନା ଦିଆଯିବ: ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ

ରାୟଗଡ଼ା ସହରରେ ଶୁକ୍ରବାର ୮ଘଣ୍ଟା ବିଦ୍ୟୁତ୍ କାଟ କରାଯାଇଛି। ଏହି ଅଘୋଷିତ ବିଜୁଳି କାଟ୍‌କୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଦ୍ୟୁତ୍ କାଟ ଯୋଗୁ ଛାତ୍ରୀଛାତ୍ର, ଗୃହିଣୀ, ସାଧାରଣ ଜନତା ସମସ୍ତେ ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି।

ଶୁକ୍ରବାର ସକାଳ ୯ଟାରୁ ବିଦ୍ୟୁତ୍ କାଟ କରାଯାଇ ଅପରାହ୍ଣ ୫ଟାରେ ଆସିଥିଲା। ବର୍ତ୍ତମାନ +୨ ପରୀକ୍ଷା ଚାଲିଥିବା ଯୋଗୁ ପିଲାମାନଙ୍କ ପାଠପଢାରେ ବ୍ୟାଘାତ ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ପିଲାମାନେ ସେମାନଙ୍କ ନୋଟ୍‌ସ ଓ ଲାଇବ୍ରେରିରୁ ଆଣିଥିବା ବହି ଜେରକ୍ସ କରିବାକୁ ଦୋକାନ ବାହାରେ ଭିଡ଼ ଜମାଇ ଥିବା ନଜରକୁ ଆସିଥିଲା। ଦୂର ଗ୍ରାମ ଓ ସହରରୁ ସରକାରୀ ଓ ବେସରକାରୀ କାମ ପାଇଁ ଆସିଥିବା ଲୋକ ମଧ୍ୟ ଦିନତମାମ ନିଜ କାଗଜପତ୍ର କରିପାରି ନ ଥିଲେ। ପୁଣି ଖର୍ଚ୍ଚାନ୍ତ ହୋଇ ଆଉ ଦିନେ ଆସିବାକୁ ପଡିବ ବୋଲି କେତେଜଣ କହିଛନନ୍ତି। ବିଜୁଳି କାଟ୍‌ର ପ୍ରଭାବ ଲୋକମାନଙ୍କ ଘରେ ମଧ୍ୟ ଦେଖିବାକୁ ମିଳିଥିଲା। ପୂର୍ବରୁ ଘୋଷଣା ହୋଇ ନ ଥିବାରୁ ଘରେ ମୋଟର ଦ୍ୱାରା ଜଳ ସଂରକ୍ଷଣ କରି ନ ଥିଲୁ। ଫଳରେ ପାଣି ଅଭାବ ଦେଖାଦେଇଛି ବୋଲି କେତେଜଣ ଗୃହିଣୀ ଅଭିଯୋଗ କରିଛନ୍ତି। ୮ଘଣ୍ଟା ଅଘୋଷିତ ବିଦ୍ୟୁତ୍ କାଟ ପାଇଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ ନାରାୟଣ ନାୟକଙ୍କୁ ପଚାରିବାରୁ ଖରାଦିନ ଆସୁଥିବା ଯୋଗୁ ସର୍ବସାଧାରଣଙ୍କ ହିତ ଦୃଷ୍ଟିରୁ ଗ୍ରୀଡ୍ ମରାମତି କାମ ପାଇଁ ବିଦ୍ୟୁତ୍‌କାଟ ହୋଇଛି ବୋଲି କହିଛନ୍ତି। ୧ଘଣ୍ଟା ମଧ୍ୟରେ ମରାମତି କାର୍ଯ୍ୟ ଶେଷ ହୋଇଯିବ ବୋଲି ଆକଳନ କରାଯାଇଥିଲା , କିନ୍ତୁ ବୈଷୟିକ ଦୃଷ୍ଟିରୁ ସମୟ ବଢ଼ିଯାଇଥିଲା। ପୂର୍ବଦିନମାନଙ୍କରେ ବିଭିନ୍ନ ପ୍ରଶାସନିକ କାର୍ଯ୍ୟକ୍ରମ ରହିଥିବା ଯୋଗୁ ଗ୍ରୀଡ୍ ମରାମତିର ଦିନ ଧାର୍ଯ୍ୟ ହୋଇପାରୁ ନ ଥିଲା। ଶୁକ୍ରବାର ସ୍ଥାନୀୟ ପ୍ରଶାସନ କକ୍ଷରୁ ସବୁଜ ସଙ୍କେତ ମିଳିବାରୁ ଗ୍ରୀଡ୍ ମରାମତି କାମ କରାଯାଇଛି। ଆଗାମୀ ଦିନରେ ମରାମତି କାର୍ଯ୍ୟ ପୂର୍ବରୁ ଲୋକଙ୍କୁ ସୂଚନା ଦିଆଯିବ ବୋଲି ସେ କହିଛନ୍ତି।

